# ସାନ୍ତାଳୀ ଓ ମୁଣ୍ଡାରୀ ଭାଷା ପ୍ରଶିକ୍ଷକ ସଂଘର କୃତଜ୍ଞତା



ବାରିପଦା, ୧୮ ।୨(ସମିସ): ଦୀର୍ଘ ୧୬ ବର୍ଷର ସଂଘର୍ଷ ପରେ ମୟୂରଭଞ୍ଜରେ ଜନଜାତି ଛାତ୍ରଛାତ୍ରୀଙ୍କୁ ମାତୃଭାଷାରେ ଶିକ୍ଷା ଦେଉଥିବା ସାନ୍ତାଳୀ ଓ ମୁଣ୍ଡାରୀ ଭାଷା ପ୍ରଶିକ୍ଷକଙ୍କୁ ନିୟମିତ ଜନଜାତି ଭାଷା ଶିକ୍ଷକର ମାନ୍ୟତା ପାଇଁ ୧୬ତାରିଖର ସରକାରଙ୍କ କ୍ୟାବିନେଟ ବୈଠକରେ ମୋହର ଲାଗିଛି । ଏହି ସାନ୍ତାଳୀ ଓ ମୁଣ୍ଡାରୀ ଭାଷା ପ୍ରଶିକ୍ଷକମାନେ ନିୟମିତ ଶିକ୍ଷକ ହେବା ପାଇଁ ୧୬ ବର୍ଷ ମଧ୍ୟରେ ବିଭିନ୍ନ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘଦିନ ଧାରଣାରେ ବସିଥିଲେ । ହେଲେ ନିୟମିତ ଶିକ୍ଷକର ମାନ୍ୟତା ମିଳିନଥିଲା ।

୨୦୨୨ ମସିହା ଡିସେମ୍ବର ୧୫ ତାରିଖରୁ ରାଇରଙ୍ଗପୁର ନିକଟସ୍ଥ ପୋଖରୀଆ ଗ୍ରାମରୁ ନବୀନ ନିବାସ ଭୁବନେଶ୍ୱର ପର୍ଯ୍ୟନ୍ତ ପଦଯାତ୍ରା ଭଳି ଚରମ କାର୍ଯ୍ୟକ୍ରମ ମଧ୍ୟ ଆପଣେଇ ଥିଲେ । ପଦଯାତ୍ରୀ ଦଳ ଭୁବନେଶ୍ୱର ପହଞ୍ଚି ପାୱାର ହାଉସ ଛକରେ ୧୮ ଦିନ ଧରି ଧାରଣାରେ ବସିଥିଲେ । ବର୍ତ୍ତମାନର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ନେତୃତ୍ୱରେ ମୁଖ୍ୟଶାସନ ସଚିବଙ୍କ ସହିତ ପଦଯାତ୍ରୀ ଶିକ୍ଷକଙ୍କ ପ୍ରତିନିଧି ମଣ୍ଡଳୀର ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ କରାଯାଇଥିଲା । ସରକାରୀ ସ୍ତରରେ ବିଭିନ୍ନ ଆଲୋଚନା ପର୍ଯ୍ୟାଲୋଚନା ପରେ ଆଦିବାସୀ, ହରିଜନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ଜନଜାତି ଭାଷା ଶିକ୍ଷକ ହିସାବରେ କ୍ୟାବିନେଟ ବୈଠକରେ ମୋହର ଲାଗିଥିବାରୁ ମୟୂରଭଞ୍ଜ ସାନ୍ତାଳୀ ଓ ମୁଣ୍ଡାରୀ ଭାଷା ପ୍ରଶିକ୍ଷକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ, ଆଦିବାସୀ ହରିଜନ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ କମିଶନର ରୂପାରୋଶନ ସାହୁଙ୍କୁ ଧନ୍ୟବାଦ ଅର୍ପଣ ସହିତ ଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଦେବାଶିଷ ମାର୍ଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଭାଷା ପ୍ରଶିକ୍ଷକ ସଂଘର ସଭାପତି ଗୁଲା ମୁର୍ମୁ, ଉପସଭାପତି ରମାକାନ୍ତ ମାର୍ଣ୍ଡି, ସମ୍ପାଦକ ମାର୍ଶାଲ ଟୁଡୁ, ସହସମ୍ପାଦକ ଜିତେନ୍ଦ୍ର ମହାନ୍ତଙ୍କ ସହିତ ସନାତନ ହେମ୍ବ୍ରମ, ନାରାୟଣ ମୁର୍ମୁ, ସୀତାମଣି ଟୁଡୁ, ଭାଗୀରଥି ଟୁଡୁ, ଶରତ ସାହୁ, ଦାଶରଥି ସିଂ, ଗୁରୁବାରୀ ସର୍ଦ୍ଦାର ପ୍ରମୁଖଙ୍କ ଦ୍ୱାରା ସମ୍ପାଦନ କରାଗଲା ।

# ତୃତୀୟ ପର୍ଯ୍ୟାୟରେ ୨.୩୫ କୋଟି ମଞ୍ଜୁର

ବାରିପଦା, ୧୮ ।୨(ସମିସ)



ପୁଣି ବାରିପଦା ପୌରପାଳିକାକୁ ତୃତୀୟ ପର୍ଯ୍ୟାୟରେ ୨୯ଟି ପ୍ରକଳ୍ପ ପାଇଁ ୨.୩୫କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ରାଶି ମଞ୍ଜୁର ହୋଇଛି । ରବିବାର ସ୍ଥାନୀୟ ବାରିପଦା କ୍ଲବରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସାମ୍ବାଦିକଙ୍କୁ ଏ ବିଷୟରେ ସୂଚନା ଦେଇଛନ୍ତି । ଏହି ସହାୟତା ରାଶିକୁ ମିଶାଇ ବାରିପଦା ପୌରପାଳିକା ବର୍ତ୍ତମାନ ସୁଦ୍ଧା ୨୦୨୩-୨୪ ଆର୍ଥିକ ବର୍ଷରେ ତିନୋଟି ପର୍ଯ୍ୟାୟରେ ୯୦ଟି ପ୍ରକଳ୍ପ ପାଇଁ ସର୍ବମୋଟ ୫.୯୧କୋଟି ଟଙ୍କା

**● ୯୦ ପ୍ରକଳ୍ପ ପାଇଁ ମିଳିସାରିଲାଣି ୫.୯୧ କୋଟି ଟଙ୍କା**

**● ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ରାଶି ପାଇବାରେ ବାରିପଦା ପୌରପାଳିକା ରାଜ୍ୟରେ ପ୍ରଥମ**

ପାଇସାରିଛି । ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ରାଶି ପାଇବାରେ ବାରିପଦା ପୌରପାଳିକା ରାଜ୍ୟରେ ପ୍ରଥମ ପ୍ରଥମ ପର୍ଯ୍ୟାୟରେ ୧୩ଟି ପ୍ରକଳ୍ପ ପାଇଁ ୧.୧୭ କୋଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୪୮ଟି ପ୍ରକଳ୍ପ ପାଇଁ ୨.୩୯କୋଟି ଟଙ୍କା ମଞ୍ଜୁର ହୋଇଥିଲା । ପୌରପାଳିକାର ସମସ୍ତ ଧର୍ମପୀଠ, କମ୍ୟୁନିଟି ସେଣ୍ଟର, ଶିକ୍ଷାନୁଷ୍ଠାନ, ଶ୍ମଶାନ ଓ ବିଭିନ୍ନ ସମ୍ପ୍ରଦାୟ, ସଂଘ ବା ଗୋଷ୍ଠୀର ଗୃହ ଆଦି ପାଇଁ ଏହି ଅର୍ଥ ମଞ୍ଜୁର ହୋଇଥିବାବେଳେ ଅନେକ ପ୍ରକଳ୍ପ ନିର୍ମାଣ ଚାଲିଥିବାବେଳେ କିଛି ସମ୍ପୂର୍ଣ୍ଣ ହୋଇସାରିଲାଣି । ତୃତୀୟ ପର୍ଯ୍ୟାୟରେ ୨୯ଟି ପ୍ରକଳ୍ପ ମଧ୍ୟରେ କୁଡମୀ ସମାଜର କମ୍ୟୁନିଟି କେନ୍ଦ୍ର ପାଇଁ ୪୦ଲକ୍ଷ ଟଙ୍କା, ଶିକ୍ଷକ ସମ୍ବନ୍ୱୟ କମିଟି ଓ ହୋ ସମାଜର କମ୍ୟୁନିଟି କେନ୍ଦ୍ରପାଇଁ ୨୫-୨୫ଲକ୍ଷ ଟଙ୍କା, ବାରିପଦା କ୍ଲବ୍ ଗୃହର ପୁନରୁଦ୍ଧାର ପାଇଁ ୧୫ଲକ୍ଷ ଟଙ୍କା, ଲାଲବଜାର କ୍ଲବ ନିକଟରେ କମ୍ୟୁନିଟି କେନ୍ଦ୍ର, ତୁଳସୀଚଉରା କୋଲନୀ ସାହି ପ୍ରାଥମିକ ବିଦ୍ୟାଳୟର ପୁନରୁଦ୍ଧାର ଓ ୧୦ନଂ ୱାର୍ଡରେ ଥିବା କାଳୀମନ୍ଦିର ମରାମତି ଓ ପୁନରୁଦ୍ଧାର ପାଇଁ ୧୦ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁର ହୋଇଛି । ସେହିପରି ବିହାରୀ ଓ ସଦଗୋପ ସମାଜ ପାଇଁ ଗୋଟିଏ ଲେଖାଏଁ କମ୍ୟୁନିଟି କେନ୍ଦ୍ର ପାଇଁ ୮-୮ଲକ୍ଷ ଟଙ୍କା, ଯମୁନାଦେଇପୁରରେ ଥିବା ଯାମୁନେଶ୍ୱର ଶିବ ମନ୍ଦିର ପାଇଁ ୭ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ।

ଅପରପକ୍ଷରେ ମୁର୍ଗାବାଡି ରାଧାକୃଷ୍ଣ ମନ୍ଦିର, କରତବସା ଗ୍ରାମଦେବୀ ପୀଠ, ବିଜୟ ରାମଚନ୍ଦ୍ରପୁରର ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର, ୩ନଂ ୱାର୍ଡର ଗଣେଶ ମନ୍ଦିର, ମଧୁବନର ଭୈରବୀ ମନ୍ଦିରର ମରାମତି ଓ ପୁନରୁଦ୍ଧାର ପାଇଁ ୫ଲକ୍ଷ ଲେଖାଏଁ ଟଙ୍କା ମଞ୍ଜୁର ହୋଇଛି । ସେହିପରି ଉତ୍ତରସାହି ଓ ଦକ୍ଷିଣ ସାହି ଛଉନୃତ୍ୟ ପ୍ରତିଷ୍ଠାନ ନିକଟରେ ପୃଥକ୍ କମ୍ୟୁନିଟି କେନ୍ଦ୍ର ପାଇଁ ୫-୫ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ୩ନଂ ୱାର୍ଡର ଶନିମନ୍ଦିର ନିକଟରେ କମ୍ୟୁନିଟି କେନ୍ଦ୍ର ନିର୍ମାଣ ପାଇଁ ୪ଲକ୍ଷ ଟଙ୍କା ଓ ତୁଳସୀଚଉରା ମନ୍ଦିର ସାହି ଭାଗବତ ଟୁଙ୍ଗୀ ଗୃହ ନିର୍ମାଣ, ୨୧ନଂ ୱାର୍ଡର ବାବା ଲୋକେଶ୍ୱର ଶିବମନ୍ଦିର ପୁନରୁଦ୍ଧାର, ବିଜୟ ରାମଚନ୍ଦ୍ରପୁରର ଫୁଲଚୁଇଁ ପୀଠ ପୁନରୁଦ୍ଧାର, ଟ୍ରାଫିକ ସ୍କୁଆର ହନୁମାନ ମନ୍ଦିର ପୁନରୁଦ୍ଧାର, ମଧୁବନର ମଧୁମାଳତୀ ଗ୍ରାମଦେବତୀଙ୍କ ପୀଠ ନିକଟରେ କମ୍ୟୁନିଟି କେନ୍ଦ୍ର ନିର୍ମାଣ ଏବଂ ଭୁଗୁଡାକଟା ଆଖଣ୍ଡଳମଣି ମନ୍ଦିର ପୁନରୁଦ୍ଧାର ପାଇଁ ୩ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁର ହୋଇଥିବାବେଳେ ୧୧ନଂ ୱାର୍ଡର ଡିପେଶ୍ୱର ଶିବ ମନ୍ଦିର ଓ ଗ୍ରାଣ୍ଡଗଳିର ପୂର୍ଣ୍ଣେଶ୍ୱର ଶିବମନ୍ଦିରର ପୁନରୁଦ୍ଧାର ପାଇଁ ୨-୨ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଯାହାର ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି ନଗରପାଳ ଶ୍ରୀ ମହାନ୍ତି ସୂଚନା ଦେଇ ମୁଖ୍ୟମନ୍ତ୍ରୀ, ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କୁ ପୌରପାଳିକା ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ ଅନୁସୂଚିତ ଜାତି ଜନଜାତିର ରାଜ୍ୟ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା ଦେବାଶିଷ ମାରାଣ୍ଡି, ମିଶନ ଶକ୍ତି ଜିଲ୍ଲା ସଭାପତି ବିଷ୍ଣୁପ୍ରିୟା ଦାସ ଓ ବାରିପଦା ନିର୍ବାଚନ ମଣ୍ଡଳୀ ବିଜେଡି ସଂଯୋଜକ ପ୍ରଭାତ ନାୟକଙ୍କ ସମେତ ଅନ୍ୟାନ୍ୟ ୱାର୍ଡ କାଉନସିଲର ଉପସ୍ଥିତ ଥିଲେ ।

# ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ

ବୈଶିଙ୍ଗା, ୧୮ ।୨ (ସମିସ): ବୈଶିଙ୍ଗା ଥାନା ଅଧୀନ ମହୁପୁରା ଅଞ୍ଚଳରୁ ବୁଢ଼ାବଳଙ୍ଗ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଚୋରା ଚାଲାଣ ହୋଉଥିବାନେଇ ଥାନା ଅଧିକାରୀ ତପନ କୁମାର ପ୍ରଧାନ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଏକ ଟିମ ପଠାଇ ଥିଲେ । ଏହି ଟିମ ମାନଗୋବିନ୍ଦପୁର ନିକଟସ୍ଥ ରାସ୍ତାରେ ଅତର୍କିତ ଚଢ଼ଉକରି ଚୋରା ବାଲି ବୋଝେଇ କରି ଯାଉଥିବା ଟ୍ରାକ୍ଟରକୁ ଅଟକାଇ ଥିଲେ । ଚାଳକ ଜଣକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା । ଏନେଇ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ବୈଶିଙ୍ଗା ପୁଲିସ ।

# ଚାଲାଣବେଳେ ୧୨ଟି ଗୋରୁ ଉଦ୍ଧାର, ୪ ବେପାରୀ ଅଟକ



ବାରିପଦା, ୧୮ ।୨(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଦିନକୁ ଦିନ ବେଆଇନ ଗୋଚାଲାଣର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଯାହାକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଥିବାବେଳେ ରବିବାର ଏପରି ବେଆଇନ ଗୋ-ଚାଲାଣକୁ ରୋକିବାରେ ଗୋ-ରକ୍ଷକ ଦଳ ସଫଳ ହୋଇଛନ୍ତି । ରବିବାର ସକାଳୁ ବେପାରୀମାନେ ନିଷ୍ଠୁରତାର ସହିତ ଗୋରୁ ଗାଈଗୁଡ଼ିକୁ ଦୀର୍ଘ ରାସ୍ତା ଚଲାଇ ଚଲାଇ ନେବା ସମୟରେ ଗୋ-ରକ୍ଷକ ସଙ୍ଗଠନର ସଦସ୍ୟମାନେ ସେମାନଙ୍କୁ ଅଟକାଇ ବାରିପଦା ଟାଉନ ଥାନା ପୁଲିସକୁ ଜିମା ଦେଇଛନ୍ତି । ସକାଳୁ ବାରିପଦାର ଶୁନଗଡ଼ିଆ ଅଞ୍ଚଳର ଟିବି ହସ୍ପିଟାଲ ଛକଠାରେ ଗୋଚାଲାଣ ହେଉଥିବାବେଳେ ଅଟକାଇ ପଚରାଉଚରା କରିଥିଲେ । ସେମାନେ ବାଲିଯୋଡା ଗୋରୁହାଟରୁ ୪ଗୋଟି ଗାଈ କିଣି ନେଉଥିବା ରସିଦ ଦେଖାଇଥିବା ବେଳେ ୧୨ଟି ଗୋରୁ ଚାଲାଣ ହେଉଥିଲା । ତନ୍ମଧ୍ୟରୁ ବଳଦ ଥିଲେ । ଚାଲାଣକାରୀଙ୍କ କହିବା କଥା କାଳିଆ ନାମକ ଜଣେ ବ୍ୟକ୍ତିର ଏ ସମସ୍ତ ଗୋରୁଗାଈ ଅଟେ । ଏଗୁଡିକୁ ନେଇ ଶୁଳିପଦା ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ କହିଛନ୍ତି ଏବଂ ସେଠାକୁ ଆମେ ପହଞ୍ଚାଇବାକୁ ଯାଉଛୁ । ପରେ ସେଠାରୁ ମାଲିକ କୁଆଡେ ପଠାନ୍ତି ଜଣାନାହିଁ ବୋଲି କହିଥିଲେ । ଏହାକୁ ନେଇ ଗୋ ରକ୍ଷକ ଦଳ ବାରିପଦା ଟାଉନ ପୁଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୁଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ । ପୁଲିସ ୧୨ଟି ଗୋରୁ ସହ ୪ ଜଣ ଚାଲାଣକାରୀଙ୍କୁ ଅଟକାଇ ତଦନ୍ତ ଜାରି ରଖିଛନ୍ତି । ଅଟକ ଥିବା ଚାଲାଣକାରୀ ମାନେ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ସିନ୍ଦୂରଗୌରା ଗ୍ରାମର ଗୋବିନ୍ଦ ମହାନ୍ତ (୨୭) ସୁନାରାମ ମହାନ୍ତ (୨୬) ଶୁକନାଥ ପାତ୍ର (୨୪) ଓ ବଡସାହି ଥାନା ଅନ୍ତର୍ଗତ ତାଳନ୍ଦ ଗ୍ରାମର ପ୍ରଶାନ୍ତ ମହାନ୍ତ (୧୮) ।

# ଗୋପବନ୍ଧୁନଗର ବ୍ଲକ୍ ପ୍ରେସ୍‌କ୍ଲବର ବୈଠକ



କୁଆମରା, ୧୮ ।୨(ସମିସ): ଗୋପବନ୍ଧୁନଗର ପ୍ରେସ୍ କ୍ଲବ୍ ପକ୍ଷରୁ କୁଆମରା ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ପ୍ରେସ୍ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରେସ୍ କ୍ଲବ ଦ୍ୱାରା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ଚଳିତବର୍ଷ ଅଧିକ ଚାରାରୋପଣ ଓ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଆଲୋଚନା ହୋଇଥିଲା । ଏହି ଅବସରରେ ଲେଖକ ତଥା ନାଟ୍ୟକାର ମନୋରଞ୍ଜନ ଦାଶଙ୍କୁ କଳା ସାହିତ୍ୟ କ୍ଷେତ୍ରରେ ନିକଟରେ ସମ୍ମାନ ଜନକ ଡକ୍ଟରେଟ ଉପାଧି ମିଳିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା । ଅନ୍ୟତମ ଅତିଥି ଭାବେ ମାଆ ସଂଗଠନର ସଦସ୍ୟ ସୁମନ୍ତ ମହାଳିକ ଯୋଗ ଦେଇଥିଲେ । ଡ. କୁମାର ବାବୁଲି, ହିରେନ ରାୟ, ଚିତ୍ତରଞ୍ଜନ ଦଳେଇ, ଶାନ୍ତନୁ କୁମାର ମଢୁଆଳ, ସମ୍ବିତ ରାଉତ, ଦୀପକ କୁମାର ଚୌଧୁରୀ, ବିଶ୍ୱଜିତ ଦାଶ, ରଞ୍ଜନ କୁମାର ମଢୁଆଳ, ଯୋଗେଶ୍ୱର ସାହୁ ଓ ସୂର୍ଯ୍ୟକାନ୍ତି ପୂହାଣ ପ୍ରମୁଖ ଯୋଗ ଦେଇଥିଲେ ।

# ସପ୍ତମ ସତ୍ୟସ୍ୱରୂପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ବରହମପୁର ୟୁନାଇଟେଡ୍ ଚାମ୍ପିଅନ

ଉଦଳା, ୧୮ ।୨(ସମିସ): ଉଦଳା ନାଗପାଳପଡ଼ିଆରେ ସପ୍ତମ ସତ୍ୟସ୍ୱରୂପ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ କଟକ ୟୁନିୟନ ସ୍ପର୍ଟିଂ ଓ ବରହମପୁର ୟୁନିଟେଡ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଛି । ଫାଇନାଲ୍ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ୟୁନିୟନ ସ୍ପର୍ଟିଂ କଟକ ୧୯୯ ରନ୍ କରିଥିଲେ । ଦଳପକ୍ଷରୁ ଅରବିନ୍ଦ ସିଂ ୪୩ ବଲରୁ ୭୦ ରନ କରିଥିବା ବେଳେ ବୋଲିଂ ରେ ସର୍ବେଶ୍ୱର ମହାନ୍ତି ୪ଓଭର ରେ ୩୪ ରନ ରେ ୨ଟି ଉଇକେଟ ଅକ୍ତିଆର କରିଥିଲେ । ୨୦୦ ରନର ଲକ୍ଷ୍ୟନେଇ ବରହମପୁର ୟୁନାଇଟେଡ ଦଳ ଶେଷ ଓଭର ରେ ଦୁଇଟି ବଲ ବାକି ଥାଇ ଜିତି ନେଇଥିଲା । ଦଳ ପକ୍ଷରୁ ରାକେଶ କୁମାର ଦାସ ମହାପାତ୍ର ୮୬ ରନ୍ କରି ଦଳକୁ ଚାମ୍ପିଅନ କରିଥିଲେ । ଫାଇନାଲରେ ଶ୍ରେଷ୍ଠ ଖେଳାଳିଭାବେ ରାକେଶ ଦାସ ମହାପାତ୍ର ପୁରସ୍କୃତ ହୋଇଥିଲେ । ଶ୍ରେଷ୍ଠ ଖେଳାଳିଭାବେ ରାଜରାମ ବିବେଚିତ ହୋଇ ପୁରସ୍କାର ଗ୍ରହଣ କରିଥିଲେ । ଲଲାଟ କେଶରୀ ନନ୍ଦ ଓ ଆଶୁତୋଷ ପାଣି ପରିଚାଳନା କରିଥିଲେ । ସ୍କୋର ଦାୟିତ୍ୱରେ ଡିଜିଟାଲ ପ୍ରକାଶ ଓ କମେଣ୍ଟଟେଟର ଭାବେ ବୁବୁ ସେନା ଦାୟିତ୍ୱ ତୁଲାଇଥିଲେ । ମ୍ୟାଚରେ ରଣଜୀ ଖେଳାଳି ରଶ୍ମୀରଞ୍ଜନ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ଅନ୍ୟଅତିଥି ଭାବେ ଡ଼ ଅବିନାଶ ପାତ୍ର, ଡ଼ କିରଣ ଭରଦ୍ୱାଜ, ବିଶ୍ୱଜିତ ନାୟକ, ମାନସ ମହାନ୍ତି, ଅମୀୟ ବଳ, ସୁରେଶ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।




# ଉଭିଦ ଓ ଜୀବବିଜ୍ଞାନ ବିଭାଗର ଆଲୋଚନାଚକ୍ର




ବାରିପଦା, ୧୮ ।୨(ସମିସ): ସ୍ଥାନୀୟ ବାଘଡ଼ାରୋଡସ୍ଥିତ ସାଇ ଡିଗ୍ରୀ ମହାବିଦ୍ୟାଳୟରେ ଦୁଇ ଦିନିଆ ଉଭିଦ ଓ ଜୀବ ବିଜ୍ଞାନ ବିଭାଗର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଲୋଚନା ଚକ୍ରର ପ୍ରଥମ ଦିନ ଶନିବାରରେ ଉଭିଦ ବିଜ୍ଞାନ ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଥିବା 'ଇଥୋନୋମେଡିସିନାଲ ପ୍ଲାଣ୍ଟସ୍ ଅଫ୍ ମୟୂରଭଞ୍ଜ ଡିସ୍‌ଟ୍ରିକ୍ଟ ଆଣ୍ଡ ଦେୟାର କନ୍‌ଜରଭେସନ୍' ଶୀର୍ଷକରେ ମୁଖ୍ୟବକ୍ତା ଭାବେ ରଙ୍ଗାମାଟିଆ ମହାବିଦ୍ୟାଳୟର ଅଧ୍ୟାପକ ଡ.ଦେବାଶିଷ ବେହେରା ଯୋଗଦେଇ ନିଜର ସନ୍ଦର୍ଭ ପାଠ କରିବା ସହ ଏଥିରେ ଯୋଗ ଦେଇଥିବା ରଙ୍ଗାମାଟିଆ ମହାବିଦ୍ୟାଳୟ, ବାରିପଦା ଡିଗ୍ରୀ କଲେଜ ଓ ସାଇ ଡିଗ୍ରୀ କଲେଜର ଉଭିଦ ବିଜ୍ଞାନ ସମ୍ମାନ ଛାତ୍ରଛାତ୍ରୀଙ୍କୁ ନେଇ ଏହି ଆଲୋଚନା ଚକ୍ର ସଂଗଠିତ ହୋଇଥିଲା । ରବିବାର 'ସେକ୍ସ ଡିଟରମିନେସନ' ଶୀର୍ଷକରେ ମୁଖ୍ୟବକ୍ତା ଭାବେ ବାରିପଦା ହାୟର ସେକେଣ୍ଡାରୀ ସ୍କୁଲର ଅଧ୍ୟାପିକା ଡ. ଅଞ୍ଜଳୀ ପଣ୍ଡା ଯୋଗଦେଇ ନିଜର ସନ୍ଦର୍ଭ ପାଠ କରିଥିଲେ ଏବଂ ସାଇ ଡିଗ୍ରୀ କଲେଜ ଓ ବାରିପଦା ଡିଗ୍ରୀ କଲେଜର ଜୀବବିଜ୍ଞାନ ସମ୍ମାନ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଆଲୋଚନାଚକ୍ର ଗୁଡିକରେ ପୌରୋହିତ୍ୟ କରି ଅନୁଷ୍ଠାନର ନିର୍ଦ୍ଦେଶକ ଅମୀୟ ଶଙ୍କର ସାହୁ ଅଲୋଚନାଚକ୍ର ଏବଂ ସନ୍ଦର୍ଭ ପାଠର ଉପକାରିତା ଏବଂ ଗବେଶଣାରେ କିପରି ସାହାଯ୍ୟ କରେ ସେ ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନା କରିବା ସହ ଛାତ୍ର-ଛାତ୍ରୀ ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । କାର୍ଯ୍ୟକ୍ରମରେ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ଉଭିଦ ବିଜ୍ଞାନ ଅଧପକ ସରୋଜ ବେହେରା ଓ ଜୀବ ବିଜ୍ଞାନ ଅଧ୍ୟାପକ ଅଭିଳାସ ଅଚାର୍ଯ୍ୟ ଯୋଗ ଦେଇଥିଲେ । ସାଇଡିଗ୍ରୀ କଲେଜର ଅଧ୍ୟକ୍ଷ ଡ. ରଣଜିତ କୁମାର ସାହୁ କାର୍ଯ୍ୟକ୍ରମ ସମୂହର ସଂଯୋଜନା କରିବା ସହ ଆଲୋଚନା ଚକ୍ର ଗୁଡିକର ପରିଚାଳନା କରିଥିଲେ । ଅଧ୍ୟାପକ ସୁଧୀର ବେହେରା, ସନ୍ତୋଷ ଜେନା, ଦୁଷ୍ମନ୍ତ ମହାନ୍ତ ଏବଂ ଅମରନାଥ ଦାସ, ଶୁଭଶ୍ରୀ ବେହେରା ଓ ତାରାକାନ୍ତ ଦାଶ ପ୍ରମୁଖ ସହେଯାଗ କରିଥିଲେ ।

# ଯୋଗାସନ ଶିବିର ଉଦ୍‌ଘାଟିତ



ବାରିପଦା, ୧୮ ।୨(ସମିସ): ରବିବାର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ବିବେକାନନ୍ଦ କେନ୍ଦ୍ର କନ୍ୟା କୁମାରୀ, ବାରିପଦା ଶାଖା ଆନୁକୂଲ୍ୟରେ ବାରିପଦା ମଣ୍ଡଳ କାରାଗାରରେ ସାତ ଦିନ ବ୍ୟାପୀ ଯୋଗାସନ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରାଧିକରଣର ସମ୍ପାଦିକା ଶିବାନୀଙ୍କ ପୌରୋହିତ୍ୟରେ ଅନୀଲ କୁମାର କର ମୁଖ୍ୟଅତିଥି ଓ କାରାଗାର ଅଧିକ୍ଷକ ସୁଜିତ କୁମାର ରାଉଳ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ବାରିପଦା ଶାଖାର ନଗର ପ୍ରମୁଖ ସନ୍ଦୀପ କୁମାର ଚାନ୍ଦ ମଞ୍ଚ ସଞ୍ଚାଳନ କରିଥିଲେ । ମୁଖ୍ୟଅତିଥି ଶ୍ରୀ କର ପ୍ରାଣାୟାମ ଅଭ୍ୟାସ କରାଇଥିଲେ । ବାରିପଦା ଶାଖାର ବ୍ୟବସ୍ଥା ପ୍ରମୁଖ ରବୀନ୍ଦ୍ର ମହାପାତ୍ର ଓ କାର୍ଯ୍ୟକର୍ତ୍ତା ପ୍ରଭାତ ଚନ୍ଦ୍ର ଦାସ ଏବଂ ମଣ୍ଡଳ କାରାଗାରର ଅଧିକାରୀମାନେ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ । ୫୬ଜଣ ଅନ୍ତେବାସୀ ଉକ୍ତ ଶିବିରରେ ଅଂଶଗ୍ରହଣ କରିଛନ୍ତି ।




# ପ୍ରାଣୀ ଚିକିତ୍ସକଙ୍କ ସମୂହ ଆନ୍ଦୋଳନ ସ୍ଥଗିତ

ବାରିପଦା, ୧୮ ।୨(ସମିସ)

## ଆଜିଠୁ କାର୍ଯ୍ୟରେ ଯୋଗଦେବେ



ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘର ଡାକରାକ୍ରମେ ମୟୂରଭଞ୍ଜ ଜିଲ୍ଲା ପ୍ରାଣୀ ଚିକିତ୍ସକଙ୍କ ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ସ୍ଥଗିତ ହୋଇଛି । ସରକାରଙ୍କ ସହିତ ଆଲୋଚନା ପରେ ପର୍ଯ୍ୟାୟକ୍ରମେ ଦାବି ପୂରଣ କରାଯିବାନେଇ ପ୍ରତିଶ୍ରୁତି ମିଳିବା ପରେ ପ୍ରାଣୀ ଚିକିତ୍ସକ ଆନ୍ଦୋଳନ ସ୍ଥଗିତ ରଖିଥିବା ସୂଚନା ମିଳିଛି । ଫଳରେ ଏକମାସବ୍ୟାପୀ ଗତ ଜାନୁଆରୀ ୧୮ଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଯୋଗୁଁ ଜିଲ୍ଲାର ୪୨ଗୋଟି ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ସୃଷ୍ଟି ହୋଇଥିବା ଅଚଳାବସ୍ଥାର ଅବସାନ ଘଟିବା ଆଶା ଉଜ୍ଜ୍ୱଳ ହୋଇଛି । ସୋମବାର ଠାରୁ ପ୍ରାଣୀ ଚିକିତ୍ସକମାନେ କାର୍ଯ୍ୟରେ ଯୋଗଦେଇ ଚିକିତ୍ସା ସେବା ଆରମ୍ଭ କରିବେ । ପ୍ରାଣୀ ଚିକିତ୍ସକମାନେ ନିଃଶୁଳ୍କ ଚିକିତ୍ସା ସେବା, ୨୪ଘଣ୍ଟିଆ ବିଶେଷଜ୍ଞ ସେବା, ରେଫରାଲ ସୁବିଧା, ଦ୍ୱାରଦେଶରେ ଚିକିତ୍ସା ଇତ୍ୟାଦି ଦାବି କରିଛନ୍ତି । ଉକ୍ତ ସୁଯୋଗ ପ୍ରାଣୀପାଳକମାନେ ନ ପାଇ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପ୍ରାଣୀ ଚିକିତ୍ସକ ମାନେ ବିନା ଦୋଷରେ ସେମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି । ଏହାପରେ ବି ଡାକ୍ତରଙ୍କ ଚାକିରୀ କ୍ଷେତ୍ରରେ ପଦୋନ୍ନତିର ସୁବିଧା ମଧ୍ୟ ଅନେକ ବର୍ଷର କାର୍ଯ୍ୟ ପରେ ପ୍ରଦାନ କରାଯାଉଛି । ସେହିପରି କାର୍ଯ୍ୟ ସମୟ ପରେ ଓ ଛୁଟି ଦିନରେ ମଧ୍ୟ ସରକାରୀ କାମ ପାଇଁ ବାଧ କରାଯିବା, କାର୍ଯ୍ୟ ସମୟ ପରେ ପ୍ରାଇଭେଟ ପ୍ରାକ୍ଟିସ କରୁଥିବା ପ୍ରାଣୀ ଚିକିତ୍ସକମାନଙ୍କୁ ବିଭିନ୍ନ ପ୍ରକାର ହଇରାଣ ହରକତ କରାଯିବା ଯୋଗୁଁ ପ୍ରାଣୀ ଚିକିତ୍ସକମାନେ ମାନସିକ ଦୁଶ୍ଚିନ୍ତାରେ ରହୁଛନ୍ତି । ଦୀର୍ଘବର୍ଷ ଧରି ବିନା ପଦୋନ୍ନତିରେ ତିନିଗୁଣ କାର୍ଯ୍ୟଭାର ବହନ କରି ନିଜର ସେବା ଜାରି ରଖିଥିବା ପ୍ରାଣୀ ଚିକିତ୍ସକ ମାନେ ଅଭିଯୋଗ କରିଛନ୍ତି । ତେଣୁ ପ୍ରାଣୀପାଳନ ବିଭାଗର ସମ୍ପୂର୍ଣ୍ଣ ରୂପାନ୍ତରଣ ସହିତ ସେଥିପାଇଁ ଆବଶ୍ୟକ କ୍ୟାଡର ପୁନର୍ଗଠନ ପାଇଁ ସଂଘ ଦାବି କରିଛି । ଏଥିସହିତ କେନ୍ଦ୍ରୀୟ ହାରରେ ଡିଏସିପି ଏବଂ ଏନ୍‌ପିଏ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ମଧ୍ୟ ସଂଘ ତରଫରୁ ଦାବି କରାଯାଇଛି । ଏଥି ସହିତ ପ୍ରାଣିଚିକିତ୍ସା ସେବାବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣ, ପ୍ରାଣିଗଣନା ଓ ଜନସାଧାରଣଙ୍କ ଆବଶ୍ୟକତା ଆଧାରରେ ଡାକ୍ତର ପଦ ସୃଷ୍ଟି, ଡାକ୍ତର ନିଯୁକ୍ତି ଓ କ୍ୟାଡ଼ର ପୁନର୍ଗଠନ ଆଦି ଦାବି ହୋଇଛି । ଦାବି ପୂରଣ ନେଇ ଗତ ଜାନୁଆରୀ ୧୮ ଠାରୁ ଜିଲ୍ଲାର ଜିଲ୍ଲାର ୪୨ଟି ପ୍ରାଣୀ ଚିକିତ୍ସା କେନ୍ଦ୍ରର ୮୫ଜଣ ପ୍ରାଣୀ ଚିକିତ୍ସକ ସମୂହ ଛୁଟିରେ ଯାଇ ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦାନ ଦେଉଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସଂଘର ଡ. କଳ୍ପତରୁ ସ୍ୱାଇଁ, ଡା ସମ୍ବିତ ମାନସିଂ, ଡା କୁନ୍ଦନ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅନ୍ୟାନ୍ୟ ପ୍ରାଣୀ ଚିକିତ୍ସକ ମାନେ ଉପସ୍ଥିତ ରହି ଆନ୍ଦୋଳନ କରିଥିଲେ । ଦାବି ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ସହ ସକାରାତ୍ମକ ଆଲୋଚନା ହେବାପରେ ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିଛି । ପର୍ଯ୍ୟାୟକ୍ରମେ ସମସ୍ତ ଦାବି ଖୁବଶୀଘ୍ର ପୂରଣ ହେବ ବୋଲି ସରକାର ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକୁ ସ୍ଥଗିତ ରଖି କାର୍ଯ୍ୟରେ ଯୋଗ ଦେବେ ।



## ଟ୍ରେଲର ପଛରେ ପିଟିହେଲା ଟ୍ରେଲର, ଅଳ୍ପକେ ବର୍ତ୍ତିଲେ ଚାଳକ

**ବୈଶିଙ୍ଗା, ୧୮ ।୨(ସମିସ):** ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ହାତୀଝୁରୀ ଉପକଣ୍ଠ ନୁଆସାହି ଛକ ନିକଟରେ ଏକ ମାଲବୋଝେଇ ଟ୍ରେଲରକୁ ପଛପଟୁ ଅନ୍ୟ ଏକ ମାଲବୋଝେଇ ଟ୍ରେଲର ଧକ୍କା ଦେଇଥିଲା । ଏଥିରେ ଅଳ୍ପକେ ବଞ୍ଚିଯାଇଛନ୍ତି ଟ୍ରକ୍ ଚାଳକ । ଭୋର ପ୍ରାୟ ୫ଟାରେ ଚାଳକ ବିପିନ କୁମାର ଲୁହାଗୁଣ୍ଡ ବୋଝେଇ ଟ୍ରେଲର ନେଇ ବୋକାରୋରୁ ବିଶାଖାପାଟଣା ଅଭିମୁଖେ ଯାଉଥିବାବେଳେ ହାତୀଝୁରୀ ନିକଟରେ ରାସ୍ତା ପାର୍ଶ୍ୱ ଏକ ଢାବାରେ ରାତ୍ରିଯାପନ କରିଥିଲା । ପରେ ଭୋର ୫ଟାରେ ବାହାରି ନିଜ ଗନ୍ତବ୍ୟ ସ୍ଥଳକୁ ବାହାରୁଥିବାବେଳେ ହଠାତ ନୁଆସାହି ଛକ ନିକଟରେ ରାସ୍ତାର ଦକ୍ଷିଣ ପାର୍ଶ୍ୱକୁ ମାଡ଼ିଯାଇଥିଲା । ଠିକ ଏତିକି ବେଳେ ପଛରୁ ଆଉ ଗୋଟିଏ ମାର୍ବଲ ବୋଝେଇ ଟ୍ରେଲର ରାଜସ୍ଥାନରୁ ବାହାରି ବାଲେଶ୍ୱର ଅଭିମୁଖେ ଯାଉଥିବାବେଳେ ଉକ୍ତ ଟ୍ରଲରର ପଛରେ ଶକ୍ତ ଧକ୍କା ଦେଇଥିଲା । ସୌଭାଗ୍ୟବଶତଃ ବଞ୍ଚି ଯାଇଥିଲେ ଟ୍ରେଲର ଚାଳକ ରାଜସ୍ଥାନର ମେହବୁବ ଖାନ । ପୁଲିସ ୨ ଟ୍ରେଲରକୁ ଜବତ କରିବା ସହିତ ଉଭୟ ଚାଳକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଏବିଭିପି ତରଫରୁ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା

**ଶୁଳିଆପଦା, ୧୮ ।୨(ସମିସ):** ସାରା ଓଡ଼ିଶାରେ +୨ ଉଚ୍ଚ ମାଧ୍ୟମିକ ପରୀକ୍ଷା ଆରମ୍ଭ ହୋଇଥିଲାବେଳେ ଶୁଳିଆପଦା ବ୍ଲକ ନିକଟସ୍ଥ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଧର୍ମପୁରା ଶୁଳିଆପଦାରେ ମଧ୍ୟ ଅନୁଷ୍ଠିତ ହୋଇଛି । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ପରୀକ୍ଷାରେ ଉତ୍ତମ ସଫଳତା ପାଇଁ ଶୁଭକାମନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମିତା ଦେଓ, ସଦସ୍ୟ ପ୍ରିୟବ୍ରତ ମିଶ୍ର, ରୁଚିମନ୍ତ ସି, ସମୀର ମହାନ୍ତ, ଚିନ୍ମୟ ନାଏକ, ମମତା ସି, ସୁଭଦ୍ରା ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## କଦଳିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବୈଶିଙ୍ଗା, ୧୮ ।୨(ସମିସ):** କଦଳିଆ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ତଥା ଅମୂଲ୍ୟ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରତିକାନ୍ତ ବେହେରା ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ କରୁଣାକର ମନ୍ତ୍ରୀ ମଞ୍ଚାସିନ ଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରିୟନାଥ ପାଣି ପରିଚାଳନା କରିଥିଲେ । ଏହାପରେ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ପଦ୍ମିନୀ ବିଶ୍ୱାଳ, ମାନମୟୀ ସେଠୀ ଓ ଶିରିଶ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି କୁହ୍ଲାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ତିନି ବାଲି ବୋଝେଇ ହାଇୱା ଜବତ: ୩ ଗିରଫ

**ଶୁକ୍ଳି, ୧୮ ।୨(ସମିସ):** ବାଲି ମାଫିଆଙ୍କ ଜୁଲମ ଥମିବାର ନା ଧରୁନି । ଆଜି ପୁଣି ତିନି ହାଇୱା ଜବତ କରିଛି ରରୁଆଁ ପୁଲିସ । ଶନିବାର ରାତିରେ ତିନୋଟି ହାଇୱା ଚଢ଼େଇଭୋଳ ଅଞ୍ଚଳରୁ ବାଲି ବୋଝେଇ କରି ବେଆଇନ୍ ଭାବେ ୪୯ ନମ୍ବର ଜାତୀୟ ରାଜପଥରେ ଯଶିପୁର ଅଭିମୁଖେ ଯାଉଥିବାବେଳେ ସିଙ୍ଗଡ଼ା ନିକଟରେ ଗୋଡେଇ ଧରିଥିଲା ରରୁଆଁ ପୁଲିସ । ରରୁଆଁ ଥାନା ଅଧିକାରୀ ସୁମନ୍ତ ସେଠୀ ଏବଂ ସିଙ୍ଗଡ଼ା ଫାଣ୍ଡି ଅଧିକାରୀ ତପନ କୁମାର ବାରିକ୍ ବାଲି ବୋଝେଇ କରି ଯାଉଥିବା କୌଣସି ସୂତ୍ରରୁ ଖବର ପାଇଥିଲେ । ପୁଲିସ ୩ଟି ହାଇୱା ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଥିଲା । ସରକାର ବାଲି ସୈରତ ଗୁଡିକରେ ବାରମ୍ବାର ଚଢ଼ଉ କଲେ ବି ମାଫିଆମାନେ ପୁଣି ଚୋରାଚାଲାଣ କରୁଛନ୍ତି ।

## ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ବିକ୍ଷୋଭ

**ରାଇରଙ୍ଗପୁର, ୧୮ ।୦୨(ସମିସ):** ଉପଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ବିଭିନ୍ନ ଦାବି ଗୁଡିକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ କଂଗ୍ରେସ ନେତୃମଣ୍ଡଳୀ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ଶ୍ୟାମ ଚରଣ ହାଁସଦାଃ, ଅଶୋକ ଅଗ୍ରୱାଲ, ବସନ୍ତ ପଟ୍ଟନାୟକ, ରୂପକ ମହାନ୍ତି, ପିସିସି ସମ୍ପାଦକ ହେଲେନା ବାଗେ, ଜିଲ୍ଲା ସମ୍ପାଦକ ହରିଚରଣ ସାହୁ, ଜାମଦା ବ୍ଲକର ସନ୍ତୋଷ କୁମାର ନନ୍ଦ, ସୋରେନ, ରାଇସେନ ସୋରେନ, ଅନଜେୟ ପରିଡ଼ା, ମାନସିଂ ମାଝୀ, ଭଜହରି ମହାନ୍ତ, କାହ୍ନୁଚରଣ ବାସ୍କେ ପ୍ରମୁଖ ପରିଚାଳନା କରିଥିଲେ ।

## ହନୁମାନ ମନ୍ଦିର ପ୍ରତିଷ୍ଠା

କୁଆମରା, ୧୮ ।୨(ସମିସ): ଗୋପବନ୍ଧୁ ନଗର କୁଆମରା ନୃସିଂହ ମନ୍ଦିର ପରିସରରେ ହନୁମାନଙ୍କ ବିଗ୍ରହ ମୂର୍ତ୍ତି ଓ ନୂତନ ମନ୍ଦିର ପ୍ରତିଷ୍ଠା କାର୍ଯର୍ ସମ୍ପନ୍ନ ହୋଇଯାଇଛି । ଶନିବାର ପୂର୍ବାହ୍ନରେ ମହିଳା ମାନଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରା ସ୍ଥାନୀୟ କୃଷ୍ଣସାଗର ପୋଖରୀରୁ ବାହାରି ଗ୍ରାମ ପରିକ୍ରମା କରିବା ପରେ ମନ୍ଦିର ପୂଜା ସ୍ଥଳକୁ ପହଞ୍ଚିଥିଲା । ଏଥିରେ ବସନ୍ତ କୁମାର କର, ପ୍ରମୋଦ କୁମାର ମିଶ୍ର, ରାଜେଶ ମିଶ୍ର ପ୍ରମୁଖ ମୋଟ ୭ ଜଣ ବ୍ରାହ୍ମଣ ପୂଜା ଓ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରିଥିଲେ । ମୁଖ୍ୟକର୍ତ୍ତା ରମେଶ ଚନ୍ଦ୍ର ବଳିଆରସିଂହ ଓ ତାଙ୍କ ଧର୍ମପତ୍ନୀ ସଂଯୁକ୍ତା କାର୍ଯ୍ୟ ତୁଲାଇ ଥିଲେ । ଦୁଇଦିନ ଧରି ହୋମଯଜ୍ଞ ଓ ସଂକୀର୍ତ୍ତନ ସହ ମନ୍ଦିର ବେଢ଼ା ଭକ୍ତ ମୟ ହୋଇ ପଡ଼ିଥିଲା ।

### ଜନଜାତି ସାଂସ୍କୃତିକ ସମ୍ମିଳନୀ 'ଆଦି ଫେଷ୍ଟ' ଉଦ୍‌ଯାପିତ

# ମୁଖ୍ୟ ଆକର୍ଷଣ ସାଜିଲେ ଗୋବିନ୍ଦା; ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା






**ବାରିପଦା, ୧୮ ।୨(ସମିସ)**



ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ପାରମ୍ପରିକ ଲୋକକଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ଆଦିର ବିକାଶ ଲକ୍ଷ୍ୟରେ ଅନୁଷ୍ଠିତ 'ଆଦି ଫେଷ୍ଟ-୨୦୨୪' ଉଦ୍‌ଯାପିତ ହୋଇଛି । ସ୍ଥାନୀୟ ଐତିହାସିକ ଛଉ ପଡ଼ିଆଠାରେ ଜନଜାତି ସାଂସ୍କୃତିକ ସମ୍ମିଳନୀ 'ଆଦିଫେଷ୍ଟ' ରବିବାର ଉଦୟାପିତ ହୋଇଯାଇଛି । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି, ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍, ରାଜ୍ୟସଭା ସାଂସଦ ମମତା ମହାନ୍ତ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ ମୋରଡା ବିଧାୟକ ରାଜକିଶୋର ଦାସ, ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗର ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା ଦେବାଶିଷ ମାରାଣ୍ଡି, ଉପାଧ୍ୟକ୍ଷା କମଳା ତିରିଆ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଭାଦବ ହାଁସଦାଃ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, ରାଇରଙ୍ଗପୁର ପୌରପାଳିକା ନଗରପାଳ ଅଭିଷେକ ପଟ୍ଟନାୟକ, ଏମ୍‌ସିସି ବ୍ୟାଙ୍କର ସଭାପତି ସୁବର୍ମଣ୍ୟମ ମହାନ୍ତି, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ବାରିପଦା ପ୍ରକଳ୍ପ ପ୍ରଶାସକ ରାମଚନ୍ଦ୍ର ସୋରେନ, କପ୍ତିପଦାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ବିଜେଡିର ଜିଲ୍ଲା ସଭାପତି କାଶୀନାଥ ହେମ୍ବ୍ରମ, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ । ଓଡ଼ିଶାର ପାରମ୍ପରିକ ଲୋକକଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ଆର୍ଥିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପାରମ୍ପରିକ କଳା ଓ ସଂସ୍କୃତିର ପୁନଃ ଉଦ୍ଧାର ତଥା ପୁରାତନ ଗୌରବକୁ ବଜାୟ ରଖିବା ପାଇଁ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି ଉତ୍ସବରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଲୋକକଳାର ପ୍ରଦର୍ଶନ ସହିତ କଳା ସହ ଜଡ଼ିତ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସରକାରଙ୍କ ତରଫରୁ ପାରମ୍ପରିକ ବାଦ୍ୟଯନ୍ତ୍ର ମାନ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଦ୍ୱିତୀୟ ସନ୍ଧ୍ୟାରେ ବିଭିନ୍ନ କଳାକାର ଯୋଗ ଦେଇଥିଲେ । ଅନେକ ସଂଖ୍ୟକ ଜନସାଧାରଣ ଉପସ୍ଥିତ ରହିଥିବା ଛଉ ପଡ଼ିଆ ଲୋକାରଣ୍ୟ ହୋଇ ପଡ଼ିଥିଲା । ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ଭାବେ ବଲିଉଡର ନାମିଦାମୀ ଅଭିନେତା ଗୋବିନ୍ଦା ଯୋଗ ଦେଇଥିଲେ । ଆଦିବାସୀ ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରିକଳ୍ପନା ଦେଶ ବିଦେଶର ଶୀର୍ଷରେ ପହାଞ୍ଚାଇଛି ବୋଲି ଗୋବିନ୍ଦା କହିଛନ୍ତି । ଏଥି ସହିତ ବଲିଉଡ କଣ୍ଠଶିଳ୍ପୀ ଜୁନ ଦାସ, ଅଭିନେତ୍ରୀ ସଞ୍ଜୟ ସିଂ ବାରି, ମିରଣ୍ଡା ଦାସ, ପାର୍ଶୀ ମାରାଣ୍ଡି, ଲିପ୍ସା ଦାସ ଏବଂ ସ୍ଥାନୀୟ କଳାକାର ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲେ । ଏହି ଅବସରରେ ଏସଡିସି ଫୁଟବଲ କପ ଚାମ୍ପିୟାନ ଦଳ(କୁଳିଅଣା)କୁ ବୁଲେଟ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ପଥରାରେ ପଛୁଆବର୍ଗ ସଚେତନତା ବୈଠକ




**ଶୁଳିଆପଦା, ୧୮ ।୨(ସମିସ):** ଶୁଳିଆପଦା ବ୍ଲକ ଅଁଳାକୁଡ଼ା ପଞ୍ଚାୟତର ପଥରା ଗ୍ରାମରେ ପଛୁଆବର୍ଗ ସଂଗ୍ରାମ ମଞ୍ଚର ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି । ବରିଷ୍ଠ ସଂଗଠକ ସୁକାନ୍ତ ରାଜଙ୍କ ଅଧ୍ୟକ୍ଷତାରେ ଓ ଭବାନୀଶଙ୍କର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଅଧ୍ୟାପକ ଗୋପବନ୍ଧୁ ମାର୍ଗଦର୍ଶକ ଓ ଚନ୍ଦନ କିସ୍କୁ ଅତିଥିଭାବେ ଯୋଗ ଦେଇଥିଲେ । ଏହି ବୈଠକରେ ଓବିସି, ଅନୁସୂଚିତ ଜାତି ଓ ଜନଜାତି ମାନଙ୍କ ସାମ୍ବିଧାନିକ ଅଧିକାର ଉପରେ ଆଲୋଚନା ହେବା ସହିତ ମୋରଡା ନିର୍ବାଚନ ମଣ୍ଡଳୀରେ ଓବିସି ନେତୃତ୍ୱ ଉପରେ ଗୁରୁତ୍ୱ ଦିଆଯାଇଛି । ନିର୍ବାଚନରେ ଓବିସିଙ୍କୁ ଚାକିରି, ଶିକ୍ଷା ଓ ରାଜନୀତିରେ ୨୭ ପ୍ରତିଶତ ସଂରକ୍ଷଣ ପ୍ରଦାନ, ଅନୁସୂଚିତ ଜାତି ଓ ଜନଜାତିଙ୍କୁ ଶିକ୍ଷା କ୍ଷେତ୍ରରେ ସଂଖ୍ୟାନୁପାତିକ ସଂରକ୍ଷଣ ପ୍ରଦାନ, ଜାତିଭିତ୍ତିକ ଜନଗଣନା ପ୍ରଭୃତି ମୁଖ୍ୟ ନିର୍ବାଚନ ଇସ୍ୟୁ ହେବ ବୋଲି ମତପ୍ରକାଶ ପାଇଛି । ଏହି ବୈଠକରେ ଯେଉଁମାନେ ମତବ୍ୟକ୍ତ କରିଥିଲେ ସେମାନେ ହେଲେ ଅକ୍ଷୟ ରଣା, ବିଷ୍ଣୁ କୁମାର ସି, ନୀଳକଣ୍ଠ ମହାପାତ୍ର, କାଳିଚରଣ ଧୀର, ବୁଧୁ ନାଥ, ଶୁକଦେବ ଧଳ, ହରିହର ରାଜ, ନିରଞ୍ଜନ ଭଞ୍ଜ, ହରେକୃଷ୍ଣ ସି, ନିଶାମଣି ସି, ସନ୍ଧ୍ୟାରାଣୀ ରାଜ, ସାବିତ୍ରୀ ଭଞ୍ଜ, ପ୍ରମୁଖ ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ରାଇରଙ୍ଗପୁର, ୧୮ ।୨(ସମିସ):** ବାମନଘାଟୀ ଉପଖଣ୍ଡ ବହଳଦା ବ୍ଲକ ଶଶ ପଞ୍ଚାୟତର ଶଶୟୁପିସ୍କୁଲ ପଡ଼ିଆଠାରେ ନୂଆ ଓଡ଼ିଶା କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ସଭାପତି ପଞ୍ଚାୟତ ସରପଞ୍ଚ ସ୍ଥଳପଦ୍ମ ଦସ୍ତୁମତୀ ପୂର୍ତ୍ତୀ ଓ ବିଏଲଏଫ୍ ଲିଡର ରସ୍ମିତା ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିଗଣମାନେ ସରକାରଙ୍କର ବିଭିନ୍ନ ଯୋଜନା ବିଷୟରେ ଲୋକମାନଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରତିପଞ୍ଚାୟତର




ହାଁସଦାଃଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ମାନିତ ଅତିଥି ଭାବେ ନୋଡାଲ ଅଫିସର ସିଦ୍ଧାର୍ଥ ପାଲ, ବିପିଏମ୍ ସରୋଜ କୁମାର ମଲ୍ଲିକ, ଉପାଧ୍ୟକ୍ଷ ହିରନ ବସା, ୨୬ ନଂ ଜିଲ୍ଲା ପରିଷଦ ସଭ୍ୟା ସୂର୍ଯ୍ୟମଣି ହାଁସଦାଃ, ପୂର୍ବତନ ବିଧାୟକ ଶୁଶିଲ କୁମାର ହାଁସଦାଃ, ପିଇଓ ଉନ୍ନତିର ପୁସ୍ତିକା ଉନ୍ମୋଚିତ ହେବାପରେ ଏଲଇଡି ମାଧ୍ୟମରେ ଏହାର ଛବିକୁ ପ୍ରଦର୍ଶିତ କରାଯାଇଥିଲା । ଏହି ସଭାକୁ ବିପିଏମ୍ ସରୋଜ କୁମାର ମଲ୍ଲିକ ପରିଚାଳନା କରିଥିଲାବେଳେ ନୋଡାଲ ଅଫିସର ସିଦ୍ଧାର୍ଥପାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଦଳାରେ 'ଆମ ହସ୍‌ପିଟାଲ' ଲୋକାର୍ପିତ




**ଉଦଳା, ୧୮ ।୨(ସମିସ):** ଉପ-ଜିଲ୍ଲା ଚିକିତ୍ସାଳୟ ଉଦଳା ପରିସରରେ ଆଭାସି ମାଧ୍ୟମରେ 'ଆମ ହସ୍‌ପିଟାଲକୁ ଶନିବାର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ଉଦଳା ବ୍ଲକ ପରିସରରେ ଆୟୋଜିତ ଆଭାସୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଲୋକାର୍ପଣ ପରେ ପରେ ସ୍ମୃତି ଫଳକକୁ ଉଦଳା ବିଧାୟକ ଭାସ୍କର ମଢ଼େଇ ଓ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଅନାବରଣ କରିଥିବାବେଳେ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ଏନ୍‌ଏସି ଉପାଧ୍ୟକ୍ଷା ଲିଲି ଭୋଳ, ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଲକ୍ଷ୍ମୀକାନ୍ତ ପତି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ, ବିଭିନ୍ନ ୱାର୍ଡର କାଉନସିଲର ତଥା ଚିକିତ୍ସାଳୟର ପରିଚାଳିକା ନିରୂପମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## 'ଇ-ନାମ' ମଣ୍ଡିରେ ଉଡ଼ିଲା ଡ୍ରୋନ୍

**କରଞ୍ଜିଆ, ୧୮ ।୨(ସମିସ)**



କରଞ୍ଜିଆ ଇ-ନାମ ମଣ୍ଡି ଅଧୀନରେ ଯଶିପୁର ବ୍ଲକ ଅନ୍ତର୍ଗତ ମିଶନଶକ୍ତିର ଆର୍ଥିକ ସହାୟତା ଏବଂ ପ୍ରଦନ ସଂସ୍ଥା ଦ୍ୱାରା ପରିଚାଳିତ ସ୍ୱୟଂ ସମ୍ପୂର୍ଣ୍ଣା ନାମକ ମହିଳା କୃଷକ ସଙ୍ଗଠନ ଦ୍ୱାରା ଚାଷ କରାଯାଇଥିବା ବିଲାତିକୁ ଇ-ନାମ ପୋର୍ଟାଲ୍ ମାଧ୍ୟମରେ ବଜାରମୂଲ୍ୟ ଠାରୁ ଅଧିକ ଦରରେ ବିକ୍ରି କରାଯାଇଛି । ଉକ୍ତ କୃଷିଜାତ ଦ୍ରବ୍ୟକୁ ଉଦଳା ଇ-ନାମ ମଣ୍ଡିର ବ୍ୟବସାୟୀ କ୍ରୟ କରି ଅଛନ୍ତି । ପାଞ୍ଚପିଢ଼ କରଞ୍ଜିଆ ଉପଖଣ୍ଡର ଉପ ଜିଲ୍ଲାପାଳ ତଥା ନିୟନ୍ତ୍ରିତ ବଜାର କମଟିର ଅଧ୍ୟକ୍ଷ ପ୍ରେମାଂଶୁ ଚାନ୍ଦଙ୍କ ନେତୃତ୍ୱରେ କିଣାବିକା ହୋଇଥିଲା । ରାଜ୍ୟରେ ପ୍ରଥମ ଥର ପାଇଁ ନିୟନ୍ତ୍ରିତ ବଜାର କମଟି କରଞ୍ଜିଆ ତରଫରୁ ପରିଚାଳିତ ଇ-ନାମ ଯୋଜନା ଅଧୀନରେ ଡ୍ରୋନ ମାଧ୍ୟମରେ ପର୍ଯ୍ୟବେକ୍ଷଣ କରାଯାଇଥିଲା । ଉକ୍ତ ଫୁଟେଜର ଲାଇଭ ରେକର୍ଡିଂକୁ ସମବାୟ ବିଭାଗ ଅଧୀନସ୍ଥ ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦକୁ ଦାଖଲ କରାଯାଇ ଅଛି । ଘଟଣାସ୍ଥଳରେ ଯଶିପୁର କୃଷି ଜିଲ୍ଲା ଅଧିକାରୀ ତପନ କୁମାର ମହାପାତ୍ର, ସହକାରୀ କୃଷି ଅଧିକାରୀ ସୁଭଲକ୍ଷ୍ମୀ ଦାସ, ନିୟନ୍ତ୍ରିତ ବଜାର କମଟି କରଞ୍ଜିଆର ସମ୍ପାଦକ ଜୟଦ୍ରଥ ମହାନ୍ତ, ମଣ୍ଡି ନୋଡାଲ ଅଧିକାରୀ ଦୁଷ୍ମନ୍ତ କୁମାର ମହାକୁଡ଼, ବିନୀତ କୁମାର ମହାପାତ୍ର, ମଣ୍ଡି ବିଶ୍ଳେଷକ ଉଦଳା, ଭବାନୀଶଙ୍କର ମହାନ୍ତ, ମିସ୍ ନାଜମୀ, ଏଞ୍ଜେଲ୍ ମିଶ୍ର, କୋର୍ଡିନେଟର ରଞ୍ଜନ ମହାନ୍ତ, ଚାଷୀ ସଙ୍ଗଠନ ମ୍ୟାନେଜର ପ୍ରିୟବ୍ରତ ଦାସ, ଉଦଳା ମଣ୍ଡିର ବ୍ୟବସାୟୀ ଓ ସଙ୍ଗଠନର ଚାଷୀ ସମୂହ ଉପସ୍ଥିତ ଥିବାର ସୂଚନା ହସ୍ତଗତ ହୋଇଛି । ସୂଚନା ଥାଉକି ସମବାୟ ବିଭାଗ ଓଡ଼ିଶା ସରକାରଙ୍କ ଅଧୀନରେ ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ ଦ୍ୱାରା ପରିଚାଳିତ ରାଜ୍ୟରେ ୬୬ଟି ନିୟନ୍ତ୍ରିତ ବଜାର କମିଟି ମାଧ୍ୟମରେ ଇ-ନାମ ଯୋଜନାକୁ ଚାଷୀ, ଚାଷୀ ସଂଗଠନ, ବ୍ୟବସାୟୀ ଓ ଖାଉଟିଙ୍କ କଲ୍ୟାଣ କ୍ରମେ କାର୍ଯ୍ୟକାରୀ କରାଯାଉଛି ।

## କମ୍ପ୍ୟୁଟର କୋର୍ସ ଓ ଏସ୍‌ଆଇଟିର ସଚେତନତା ରଥ ଉଦ୍‌ଘାଟିତ




**କପ୍ତିପଦା, ୧୮ ।୨(ସମିସ):** ଓଡ଼ିଶା ସରକାରଙ୍କ ଅନୁମୋଦିତ ଏବଂ ଓଡ଼ିଶା ଓପନ୍ ୟୁନିଭାର୍ସିଟି ଦ୍ୱାରା ପରିଚାଳିତ କମ୍ପ୍ୟୁଟର କୋର୍ସ ଓ ଏସ୍‌ସିଆଇଟିର ସଚେତନତା ରଥ ଆଜି ଆଇସିଏସ୍ କମ୍ପ୍ୟୁଟର ଏକାଡେମୀ ଆନୁକୂଲ୍ୟରେ ଉଦ୍‌ଘାଟିତ ହୋଇଛି । ଏହି ସଭାରେ କପ୍ତିପଦା ଏବିଓ ଏବଂ ସମରେନ୍ଦ୍ର ବସା, ଶୈଳବାଳା ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଆଇସିଏସ୍‌ର ଅଧ୍ୟପକ ନଳିନୀକାନ୍ତ ପରିଡ଼ା ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟରର ସୁଦୂର ପ୍ରସାରୀ ଉପାଦେୟତା ଏବଂ ଏ ଅଞ୍ଚଳର ଏକମାତ୍ର ସରକାରୀ ଅନୁଷ୍ଠାନ ଆଇସିଏସ୍‌ରେ ଅତ୍ୟାଧୁନିକ ପ୍ରଣାଳୀରେ ଶିକ୍ଷାଦାନର ସୁଯୋଗ ନେବାକୁ ଆହ୍ୱାନ ଦେଇଥିଲେ ।

■ ତାରିଣୀ ଦର୍ଶନ ନୋହିଲା

## ଦୁର୍ଘଟଣାରେ ଛାତ୍ର ଚାଲିଗଲେ

କେନ୍ଦୁଝର, ୧୮।୨(ସମିସ): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଜୁଡିଆ ଘାଟିନିକଟରେ ରବିବାର ସକାଳେ ସଡ଼କ ଦୁର୍ଘଟଣାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଓମପ୍ରକାଶ ନାୟକ(୨୧) ଏବଂ ତାଙ୍କ ଘର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁସୁମୀ ଗ୍ରାମରେ ବୋଲି ଜଣାପଡ଼ିଛି। ସେ ସରାଙ୍ଗ ଆଇଜିଆଇଟିରେ ମେକାନିକାଲ ଡିପ୍ଲୋମାରେ ଦ୍ୱିତୀୟ ବର୍ଷ ଛାତ୍ର। ଏକ ମାତ୍ର ପୁଅ ଦୁର୍ଘଟଣାରେ ଆରପାରିକି ଚାଲିଯିବା ପରେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ପରିବାର ଲୋକ। ୬ ଜଣ ସାଙ୍ଗ ଶକ୍ତିରଞ୍ଜନ ସାହୁ(୨୨), ରିତେଶ ସାହୁ(୧୭), ଶୁଭ୍ରଜ୍ୟୋତି ସାହୁ(୧୮), ଚନ୍ଦ୍ରମଣୀ ମୁର୍ମୁ(୨୩), ପିଣ୍ଟୁ ନାୟକ(୨୨) ଏବଂ ଅମ୍ବୁଜ ଚରଣ ବିଶ୍ୱାଳ ଘଟଗାଁ ମା’ ତାରିଣୀ ପୀଠକୁ ୩ଟି ବାଇକ୍‌ରେ ଆଜି ଭୋର ୪ଟାରେ ସମୟରୁ ବାହାରିଥିଲେ। ଆଗପଛ ହୋଇ ଘଟଗାଁ ମା’ ତାରିଣୀ ମନ୍ଦିର ଆସୁଥିବା ବେଳେ ଜୁଡିଆ ଘାଟି ରାସ୍ତାରେ ଘନ କୁହୁଡିରେ ସକାଳ ପ୍ରାୟ ୭ଟା ୩୦ରେ ଏକ ଟ୍ରକ ସମ୍ମୁଖକୁ ଚାଲି ଆସିବାରୁ ଭାରସାମ୍ୟ ରକ୍ଷା କରିନପାରି ରାସ୍ତା ପାର୍ଶ୍ୱରେ ଏକ ପଥରକୁ ଧକ୍କା ଦେଇ ଛିଟିକି ପଡ଼ିଥିଲେ। ପଛରେ ଆସୁଥିବା ତାଙ୍କ ସାଙ୍ଗମାନେ ତାଙ୍କୁ ଏକ କାର୍‌ରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଓମପ୍ରକାଶ ନାୟକର ମୃତ୍ୟୁ ହୋଇଥିବା ବେଳେ ବାଇକ୍ ଚଲାଉଥିବା ଅମ୍ବୁଜ ଚରଣ ବିଶ୍ୱାଳ ହେଲମେଟ ପିନ୍ଧିଥିବାରୁ ସାମାନ୍ୟ ଆହତ ହୋଇଛନ୍ତି। ଟାଉନ ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ (ନଂଓଡି୦୬-ଜେ-୫୯୧୬) ଜବତ୍ କରିବା ସହ ୧୩୬/୨୦୨୪ରେ ଏକ ଦୁର୍ଘଟଣା ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

## ଗଉଡ଼ସାହି ଡ୍ରେନ୍‌ରୁ ଯୁବକର ମୃତଦେହ ଉଦ୍ଧାର

ଆନନ୍ଦପୁର, ୧୮।୨ (ସମିସ): ଆନନ୍ଦପୁର ପୌରପରିଷଦର ୭ନଂ ୱାର୍ଡର ଗୌଡ଼ ସାହିଠାରେ ଡ୍ରେନରେ ପଡ଼ି ଯୁବକଙ୍କର ମୃତ୍ୟୁ ଘଟିଛି। ଘଟଣାରୁ ଜଣାଯାଏ କି ମୃତ ଯୁବକ ଦୁଇ ଦିନ ହେବ ଘରକୁ ନଆସିବାରୁ ଘରଲୋକେ ଖୋଜା ଖୋଜି କରୁଥିବା ବେଳେ ଆଜି ସକାଳ ୧୦ଟା ସମୟରେ ସ୍ଥାନୀୟ ପିଲାମାନେ ଖେଳୁଥିବା ବେଳେ ବଲଟି ଡ୍ରେନରେ ପଡ଼ିଯିବାରୁ ବଲଟିକୁ ଆଣିବାକୁ ଯାଇ ମୃତଦେହ ଭାସୁଥିବାର ଦେଖିବାକୁ ପାଇଥିଲେ। ଦେଖିବା ପରେ ପରେ ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତକ ମୂର୍ତ୍ତିପାପା ରାଓ ଜାଣିବା ପରେ ଆନନ୍ଦପୁର ପୁଲିସଙ୍କୁ ଖବର



ଦେବା ପରେ ମୂର୍ତ୍ତିପାପା ରାଓଙ୍କୁ ଡ୍ରେନରୁ ଉଦ୍ଧାର କରି ଯୁବକଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୂର୍ତ୍ତିପାପା ରାଓଙ୍କ ବୟସ ୪୦ ବର୍ଷ ହୋଇଥିବା ସେ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପିଅନ ପାପା ରାଓଙ୍କ ପୁଅ ବୋଲି ଜଣାପଡ଼ିଛି।

## ୭ଟି ଶ୍ରେଣୀକୁ ଗୋଟିଏ କୋଠରି

ସୋସୋ, ୧୮।୨(ସମିସ): ହାଟଡିହି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନର ବ୍ୟବସ୍ଥା ଠିକ୍ ନଥିବା ବେଳେ ସରକାରୀ ପ୍ରାଥମିକ ମଧୁରଗଡିଆ ବିଦ୍ୟାଳୟରେ ପ୍ରଥମ ରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏହି ବିଦ୍ୟାଳୟରେ ୨ଟି ଗୃହ ରହିଛି। ସେଥି ମଧ୍ୟରୁ ଗୋଟିଏ ଗୃହ ଅଫିସ କାର୍ଯ୍ୟାଳୟ କରାଯାଉଥିବା ବେଳେ ଅନ୍ୟ ଏକ ଗୃହରେ ୭ଟି ଶ୍ରେଣୀର ଛାତ୍ରଛାତ୍ରୀ ଗୋଟିଏ ଶ୍ରେଣୀ ଗୃହରେ ବସି ଶିକ୍ଷା ଗ୍ରହଣ କରିଥାନ୍ତି। ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁନଥିବାରୁ ଶିକ୍ଷାରମାନ ନଷ୍ଟ ହେଉଛି। ଡିଏମ୍ଏଫ୍ ଯୋଜନା ଓ ଅନାନ୍ୟ ସରକାରୀ ଅନୁଦାନ ରେ ବିଦ୍ୟାଳୟ ଗୃହ ସୌନ୍ଦର୍ଯ୍ୟକରଣ ହେଉଥିବାବେଳେ ଏହି ବିଦ୍ୟାଳୟ ପ୍ରତି କାହାର ଦୃଷ୍ଟି ପଡୁନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ନୁତନ ଗୃହ ଯୋଗାଇ ଦେବା ସହିତ ସୌନ୍ଦର୍ଯ୍ୟକରଣ କରିବାକୁ ଦାବି ହେଉଛି।

## ପଢ଼ିଆରୀପଲ୍ଲୀ ଗ୍ରାମ ମୁରବିଙ୍କ ପରଲୋକ



ସୋସୋ, ୧୮।୨(ସମିସ): ହାଟଡିହି ବ୍ଲକ ପଢ଼ୀଆରୀପଲ୍ଲି ଗ୍ରାମର ଚକ୍ରଧର ପାତ୍ର (୭୯)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ସ୍ନେହି, ଧର୍ମ ପରାୟଣ ବ୍ୟକ୍ତି ଥିବା ବେଳେ ଗାଁର ମୁରବି ଭାବେ ଦାୟିତ୍ୱ ତୁଲାଇଥାନ୍ତି। ତାଛଡା ଗ୍ରାମର ପାଲା ଅନୁଷ୍ଠାନର ଦାୟିତ୍ୱ ନେବା ସହିତ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ଦୁଇସାହିର ଲୋକ ଶେଷ ଦର୍ଶନ କରିବାକୁ ତାଙ୍କ ବାସ ଭବନ ନିକଟରେ ପହଞ୍ଚିଥିଲେ। ନିରାକାର ପାତ୍ର, ଅଶିଣ ପାତ୍ର ଏବଂ ପରିବାର ସଦସ୍ୟ ଉପସ୍ଥିତ ଥିବାବେଳେ ବଡ ପୁଅ ଭୁବନ ସାନପୁଅ ମନମୋହନ ମୁଖାଗ୍ନି ଦେଇଥିଲେ।

ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା

# ଅଭିଜ୍ଞ ବୈଦ୍ୟ ଦେଉଛନ୍ତି ସ୍ୱାସ୍ଥ୍ୟ ପରାମର୍ଶ







କେନ୍ଦୁଝର, ୧୮।୨(ସମିସ)

କେନ୍ଦୁଝର ବନଖଣ୍ଡ ଓ ରାଜ୍ୟ ଔଷଧି ଉଦ୍ଭିଦ ପରିଷଦ ଦ୍ୱାରା ଆୟୋଜିତ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା-୨୦୨୪ରେ ଲୋକଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ମେଳାକୁ ଆସୁଥିବା ଲୋକଙ୍କୁ ଅଭିଜ୍ଞ ବୈଦ୍ୟମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରାମର୍ଶ ମଧ ଦିଆଯାଉଛି। ଅନ୍ୟପକ୍ଷରେ ମେଳାରେ ମିଳୁଥିବା ବିଭିନ୍ନ ଅଞ୍ଚଳର ଜଡ଼ିବୁଟି ଗୁଡ଼ିକର ଭଲ ବିକ୍ରୟ ହେଉଥିବା ଦେଖାଯାଉଛି। କେନ୍ଦୁଝରରେ ପ୍ରଥମ ଥର ପାଇଁ ଏଭଳି ମେଳା ଲୋକଙ୍କ ପାଇଁ ଉତ୍ସାହ ଆଣିଛି। ଏହା ୧୯ ତାରିଖ ପର୍ଯ୍ୟନ୍ତ କାଳିପଡ଼ିଆରେ ଅନୁଷ୍ଠିତ ହେବ। ଏହି ମେଳାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବୈଦ୍ୟ ତଥା ଆୟୁର୍ବେଦିକ ଡାକ୍ତରମାନେ ଅଂଶଗ୍ରହଣ କରିଛନ୍ତି। ଏହି ମେଳାରେ ପ୍ରାୟ

**ଆୟୁର୍ବେଦିକ ଜଡ଼ିବୁଟିର ବଢ଼ି ଚାଲିଛି ବିକ୍ରିବଟା**

୬୦ଗୋଟି ଷ୍ଟଲ ଖୋଲାଯାଇ ଆୟୁର୍ବେଦିକ ଔଷଧ ତଥା ଜଡ଼ିବୁଟି ବିକ୍ରିବଟା କରାଯିବା ସହ ମାଗଣାରେ ଚିକିତ୍ସା ସେବା ମଧ ଯୋଗାଇ ଦିଆଯାଉଛି। ୫ ଦିନିଆ ଏହି ମେଳାରେ ବୈଦ୍ୟ ଓ ଆୟୁର୍ବେଦିକ ଡାକ୍ତର ସମ୍ମିଳନୀ, ବରିଷ୍ଠ ନାଗରିକ ମାନଙ୍କ ପାଇଁ ପୁରାତନ ରୋଗ ଉପଚାର ସମ୍ପର୍କରେ ଆଲୋଚନାଚକ୍ର ମାନ କରାଯାଉଛି। ପ୍ରତିଦିନ ସକାଳ ୧୦ ଘଟିକାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଆୟୁର୍ବେଦିକ ଡାକ୍ତରମାନଙ୍କ ଦ୍ୱାରା ମାଗଣା ସାସ୍ଥ୍ୟ ପରୀକ୍ଷା ତଥା ବିଭିନ୍ନ ରୋଗ ସମ୍ବନ୍ଧରେ ପରାମର୍ଶ ଦିଆଯାଉଛି। ଏଥିସହ ପ୍ରତ୍ୟେକ ଦିନ ବିଭିନ୍ନ ସଂସ୍କୃତିକ ସଂଗଠନ ମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଛି। ମେଳା ପ୍ରତ୍ୟକ ଦିନ ସକାଳ ୧୦ ଘଟିକାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଚାଲିଛି। ରବିବାର ମେଳାରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଉପଜିଲ୍ଲାପାଳ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଉପଖଣ୍ଡ ପୋଲିସ ଅଧିକାରୀ, ପ୍ରଦୂଷଣ ବିଭାଗର ଆଞ୍ଚଳିକ ଅଧିକାରୀ ଏବଂ କେନ୍ଦୁଝର ଖଣି ମଣ୍ଡଳ ଉପନିର୍ଦ୍ଦେଶକ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନରାଜ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ।

## ଖଲିଆମେଣ୍ଟାରେ ମଣ୍ଡଳ କାର୍ଯ୍ୟାଳୟ ଉଦ୍‌ଘାଟିତ

ଆନନ୍ଦପୁର, ୧୮।୨(ସମିସ): ସ୍ଥାନୀୟ ନାରଙ୍ଗପୁର ଠାରେ ଖାଲିଆମେଣ୍ଟା ମଣ୍ଡଳର ଅଫିସ କାର୍ଯ୍ୟାଳୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଆଜି ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ଥାନୀୟ ନାରଙ୍ଗପୁର ଛକ ଠାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥୀରାଜ କୁଅଁର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ବିକାଶ ଜେନା, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ଜେନା, ବରିଷ୍ଠ ନେତା ଗୋପିନାଥ ନାୟକ, ରସିକ ଜେନା, ଅଲେଖ ସାହୁ, ସାଧୁ ଚରଣ ଜେନା, ତୀର୍ଥ ବାସି ଜେନା, ବିନୋଦ ସା, ଶୁଭ୍ରକାନ୍ତ ଦାସ, ବିଜୟ ପାତ୍ର, ତରଣୀ ସେନ ନାୟକ, ସନାତନ ପାତ୍ର, ପ୍ରଫୁଲ୍ଲ ଜେନା, ନରୋତ୍ତମ ନାୟକ, ନବ ହାଁସଦା, ଗଣେଶ ଜେନା, ଅଭିନ୍ ଜେନା, ଦିଲ୍ଲୀପ ଜେନା ପ୍ରଭୃତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶଙ୍କରେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



ରାମଚନ୍ଦ୍ରପୁର, ୧୮।୨(ସମିସ)

ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତ ଅନ୍ତର୍ଗତ ଶଙ୍କରପୁର ଗ୍ରାମରେ ଧାର୍ମିକ ପରିବେଶ ମଧ୍ୟରେ ଗ୍ରାମବାସୀଙ୍କ ସହଯୋଗରେ ଏକ ଭବ୍ୟ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ୧୭ ତାରିଖ ଠାରୁ ଅନୁଷ୍ଠିତ ହେଉଛି। ଏହି ଉପଲକ୍ଷେ ବ୍ରାହ୍ମଣ ସୁବାସ କୁମାର ନନ୍ଦ, ହରିହର ନନ୍ଦ, ଅଲେଖ କୁମାର ପଣ୍ଡାଙ୍କ ସହିତ ଓଡ଼ିଶାର ସୁନାମ ଧନ୍ୟ ପଣ୍ଡିତ ପ୍ରଶାନ୍ତ କୁମାର ଦେବ ଶର୍ମାଙ୍କ ଦ୍ୱାରା ଶାଳ ପ୍ରତିଷ୍ଠା, ମଣ୍ଡଳକରଣ, ଧାନ୍ୟାଧିବାସ, ଓ ଅଙ୍କୁରାରୋପଣ କାର୍ଯ୍ୟ ସମାପନ ହୋଇଥିଲା ଦ୍ୱିତୀୟ ଦିନ ସକାଳ ୭ ଘଟିକାରେ ଗ୍ରାମର ମହିଳା ଓ ପୁରୁଷ ଏକତ୍ରିତ ହୋଇ ପୁଣ୍ୟ ବୈତରଣୀ ନଦୀରୁ ଜଳ କଳସ ଯାତ୍ରାରେ ସାମିଲ ହୋଇଥିଲେ। ପରେ ବ୍ରାହ୍ମଣ ରଶ୍ମିରଞ୍ଜନ ଦାଶ, ଯୁଧିଷ୍ଠିର ମିଶ୍ର, ସଞ୍ଜୟ କୁମାର ପଣ୍ଡା, ସୁଶାନ୍ତ କୁମାର ଦାଶ, ଓ ସୁଧୀର କୁମାର ମିଶ୍ରଙ୍କ ଦ୍ୱାରା କଳସାଧିବାସ, ସୂର୍ଯ୍ୟ ପୂଜା, ଗୋ ପୂଜା, ଧରିତ୍ରୀ ପୂଜା, ଅଗ୍ନି ସ୍ଥାପନ, ଦେବତାଙ୍କର ମହାସ୍ନାନ, ଓ ମନ୍ଦିର ସ୍ନାନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ କର୍ତ୍ତା ଭାବେ ଗୋବର୍ଦ୍ଧନ ସା ଓ ମାଳତୀ ସା ସଂକଳ୍ପ ରେ ବସିଥିଲେ। ଏହି ମନ୍ଦିର ପ୍ରତିଷ୍ଠା ଯଜ୍ଞ ଉତ୍ସବ ମଙ୍ଗଳବାର ଶେଷ ହେବ। ଦୀର୍ଘ ଦୀନ ହେଲା ଗ୍ରାମବାସୀଙ୍କ ଦ୍ୱାରା ନିର୍ମାଣ କରାଯାଉଥିବା ମହାଦେବ ମନ୍ଦିର ରେ ଦିଅଁ ପୂଜା ପାଉଥିବାରୁ ଗ୍ରାମର ସମସ୍ତ କାର୍ଯ୍ୟକ୍ରମକୁ ଶଙ୍କରପୁର ଗ୍ରାମବାସୀ ପରିଚାଳନା କରୁଛନ୍ତି।

## ସେଣ୍ଟ ଜାଭିୟର୍ସ ସ୍କୁଲର ବାର୍ଷିକ ଉତ୍ସବ

ଆନନ୍ଦପୁର, ୧୮।୨(ସମିସ)

ଆନନ୍ଦପୁର ପୌରାଞ୍ଚଳ ଫକୀରପୁର ଠାରେ ଥିବା ସେଣ୍ଟ ଜାଭିୟର୍ସ ସ୍କୁଲର ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍କୁଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତନ୍ମୟ କୁମାର ବିଶୋଇଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଏକାଗ୍ର ଚିତ୍ତରେ ପାଠ ପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ନରସିଂହ ମୁର୍ମୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗିମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ଅନ୍ୟ ଛାତ୍ରଛାତ୍ରୀଙ୍କ ସହିତ ଶକ୍ତି ସ୍ୱରୂପ ମିଶ୍ର କୃତୀ ପ୍ରତିଯୋଗୀ ଭାବେ ପୁରସ୍କୃତ ହୋଇଥିଲେ।





## ଗୋହିରା ପଞ୍ଚାୟତରେ ବୁଥ ଚାଲ ଅଭିଯାନ

ଆନନ୍ଦପୁର, ୧୮।୨(ସମିସ): ଆଦିବାସୀ ଅଧ୍ୟୁଷିତ ଗୋହିରା ପଞ୍ଚାୟତରେ କେନ୍ଦୁଝର ଜିଲ୍ଲା ବୁଦ୍ଧିଜୀବି ସେଲ ସଂଯୋଜକ ଡ.ଶମ୍ଭୁନାଥ ରାଉତଙ୍କ ନେତୃତ୍ୱରେ ଦୁଇ ଶହରୁ ଅଧିକ କର୍ମକର୍ତ୍ତାଙ୍କ ଗହଣରେ ବୁଥ ଚାଲ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏକ ନିଆରା ଢଙ୍ଗରେ ପଞ୍ଚାୟତର ବିଭିନ୍ନ ବୁଥ ପରିଭ୍ରମଣ କରି ସରକାରଙ୍କର ଗରିବ କଲ୍ୟାଣ ଯୋଜନାର ନାରା ଦିଆଯାଇଥିଲା। ଏଥିରେ ଭକ୍ତବନ୍ଧୁ ମିଶ୍ର, ଭାଗବତ ଦାସ, ହରିହର ସାହୁ, ବିଜୟ ପାତ୍ର, ଅର୍ଜୁନ ମଲ୍ଲିକ, କୃଷ୍ଣଚନ୍ଦ୍ର ପରିଡ଼ା, ସଞ୍ଜୟ ସାହୁ, ନିରଞ୍ଜନ ନାୟକ, ଗୋପବନ୍ଧୁ ପଣ୍ଡା, ନିଧି ନାଏକ, ସୁଫଲ୍ ମୁର୍ମୁ, ଚନ୍ଦ୍ରମଣି ନାଏକ, ମଙ୍ଗୁଳି ମାଝୀ, ସରନ ନାଏକ, ବ୍ରଜ ଜେନା, ତପନ ଧିର, ଗୌତମ ନାଏକ, ସୁନି ନାଏକ, ଲତା ନାଏକ, ମିନତି ନାଏକ, ଟୁକୁନି ନାଏକ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ଗୋଧିହୁଡ଼ି ଭଲିବଲ ଟୁର୍ଣ୍ଣାମେଣ୍ଟ

ତେଲକୋଇ, ୧୮।୨(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଭୀମକାଣ୍ଡ ପଞ୍ଚାୟତ ଅନ୍ତର୍ଗତ ଗୋଧିହୁଡି ଲକ୍ଷ୍ମୀନାରାୟଣ ଯୁବକ ସଂଘ ପକ୍ଷରୁ ଆୟୋଜିତ ତୃତୀୟ ବାର୍ଷିକ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଭାଗ ନେଇଥିବା ବେଳେ ପାଲଲହଡା ଏଲଜି ବ୍ରଦର୍ସ ଦଳ ଚାମ୍ପିଅନ ହୋଇଥିବା ବେଳେ ତାଳଚେର ଫ୍ରେଣ୍ଡସ୍ କ୍ଲବ ରନର୍ସ ଅପ ହୋଇଛନ୍ତି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଧନୁର୍ଜୟ ସିଦ୍ଧୁ, ମୁଖ୍ୟବକ୍ତା ସମିତିସଭ୍ୟ ବିରଞ୍ଚି କୁମାର ବେହେରା, ସମ୍ମାନିତ ଅତିଥି ସରପଞ୍ଚ ରୀନା ମାଝୀ, ଭୀମକାଣ୍ଡ ପଞ୍ଚାୟତ ବିଜେଡି ସଭାପତି ସନାତନ ସାହୁ, ଗାଁ ମୁଖିଆ ରାମଚନ୍ଦ୍ର ସ୍ୱାଇଁ, ପ୍ରଭାକର ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। କ୍ଲବ ସଭାପତି ଟଙ୍କଧର ସାହୁ, ସମ୍ପାଦକ ସଞ୍ଜୟ ସାହୁ, ଲିପୁନ ସାହୁ, ମଦନମୋହନ ସାହୁ, ଯଶୋବନ୍ତ ସାହୁ, ବାବୁଲାଲ ସାହୁ, ଭାଷ୍ୟକାର ଶ୍ରୀଧର ପତି ପ୍ରମୁଖ ଖେଳ ପରିଚାଳନା କରିଥିଲେ।



## ଜନସେବା କେନ୍ଦ୍ରରୁ ଚୋରି

ତେଲକୋଇ, ୧୮।୨(ସମିସ): ଶନିବାର ବିଳମ୍ବିତ ରାତିରେ ତେଲକୋଇ ଥାନା ଅନ୍ତର୍ଗତ ଖୁଣ୍ଟାପଡ଼ା ଗାଁ ମନ୍ଦିର ମାର୍କେଟ ଦୋକାନରୁ ଚୋରି ଅଭିଯୋଗ ହୋଇଛି। ରାତି ପ୍ରାୟ ୨ଟା ବେଳେ ସ୍ୱାଧୀନ ପ୍ରଧାନଙ୍କ ଜନସେବା କେନ୍ଦ୍ରର ଛାତର ଟାଇଲ ଭାଙ୍ଗି ଚୋର ପଶିଥିଲେ। ଜନସେବା କେନ୍ଦ୍ରରେ ଥିବା ୧୭ ହଜାର ଟଙ୍କା ଚୋରି କରି ନେଇଥିଲେ। ଅନ୍ୟ ଦୋକାନକୁ ଚୋରି ପାଇଁ ଉଦ୍ୟମ ବେଳେ ଦୋକାନରେ ଶୋଇଥିବା ଲୋକ ଉଠିପଡ଼ିଥିଲେ। ଚୋର ଚୋର ବୋଲି ପାଟି କରିବାରୁ ଚୋର ଭୟରେ ବାଇକ୍ ଓ ମୋବାଇଲ ଛାଡି ଫେରାର ହୋଇଯାଇଛି। ସକାଳୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୋବାଇଲ ଓ ବାଇକ୍‌କୁ ଜବତ କରିଛି। ଏହି ମାମଲାରେ ଜଣକୁ ଅଟକ ରଖି ପଚରାଉଚରା କରାଯାଉଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

# ଝୁମ୍ପୁରା ନୋଡାଲ କେନ୍ଦ୍ରରେ ୨୨୭୩ ପରୀକ୍ଷାର୍ଥୀ

ବାଲିବନ୍ଧ, ୧୮।୨ (ସମିସ)

ଝୁମ୍ପୁରା ବ୍ଲକ ମୁଖ୍ୟାଳୟ ଠାରେ ଥିବା ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ଅଧୀନରେ ମୋଟ ୧୨ଟି ପରୀକ୍ଷା କେନ୍ଦ୍ରରେ ୨୨୭୩ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ। ପ୍ରଶ୍ନପତ୍ର ଥିବା ଷ୍ଟ୍ରଙ୍ଗରୁମ୍‌କୁ ପୁଲିସ୍ ପକ୍ଷରୁ ୨୪ ଘଣ୍ଟିଆ କଡ଼ା ପହରା ଦିଆଯାଉଥିବା ବେଳେ ସିସି କ୍ୟାମେରାର ତୀକ୍ଷ୍ଣ ନଜର ରହିଛି। ତେବେ ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ ପରୀକ୍ଷା ଫେବୃଆରୀ ୨୦ ତାରିଖ ଠାରୁ ଆରମ୍ଭ ହେବା ମାର୍ଚ୍ଚ ୪ ତାରିଖରେ ଶେଷ ହେବା ନେଇ ଧାର୍ଯ୍ୟ କରାଯାଇଛି। ପରୀକ୍ଷାର୍ଥୀମାନେ ସକାଳ ୭ଟା୩୦ମି. ଠାରୁ ୮ଟା୧୫ମି. ମଧ୍ୟରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ନେଇ ସମୟସୀମା ଧାର୍ଯ୍ୟ କରାଯାଇଥିବା ବେଳେ ସକାଳ ୯ଟା ଠାରୁ ପରୀକ୍ଷା ଆରମ୍ଭ





ହୋଇ ୧୧ଟାରେ ଶେଷ ହେବ। ତେବେ ଗଣିତ ବିଷୟ ଦିନ ଅଧିକା ୧୫ମି. ସମୟ ଧାର୍ଯ୍ୟ ହୋଇଥିବା ସୂଚନା ରହିଛି। ଝୁମ୍ପୁରା ନୋଡାଲ କେନ୍ଦ୍ରର ପରୀକ୍ଷାକୁ ସୁଚାରୂପେ ପରିଚାଳନା କରିବା ନିମନ୍ତେ ଶିକ୍ଷୟିତ୍ରୀ ସାଗରବାଳା ଗିରି ଅବ୍‌ଜରଭର, ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୋହନ କୁମାର ମାଝୀ ନୋଡାଲ ଇନ୍‌ଚାର୍ଜ, ଶିକ୍ଷୟିତ୍ରୀ ରଞ୍ଜିତା ପ୍ରଧାନ ନୋଡାଲ ସହ ଇନ୍‌ଚାର୍ଜ ଭାବେ ନିଯୁକ୍ତ କରାଯାଇଛି। ପ୍ରଶ୍ନପତ୍ର ସଠିକ ସମୟରେ ପରୀକ୍ଷା କେନ୍ଦ୍ର ଗୁଡିକରେ ପହଞ୍ଚାଇବା ନିମନ୍ତେ ସୁବ୍ୟବସ୍ଥା କରାଯାଇଛି। ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ଅଧୀନରେ ଥିବା ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୮୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ବାଲିବନ୍ଧ ଉଚ୍ଚ ବିଦ୍ୟାଳୟରେ ୧୬୭ ଜଣ, ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟ ଗୋର୍ବଦ୍ଧନରେ ୧୮୮ଜଣ, କାଉଁରୀକଳା ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୬୧ଜଣ, ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ, ମହାଦେଇଯୋଡାରେ ୨୦୮ଜଣ, ମହାଲକ୍ଷ୍ମୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ୧୨୮ ଜଣ, ପଞ୍ଚଶଖା ନୋଡାଲ ଉଚ୍ଚ ବିଦ୍ୟାଳୟ, ଆମୁଣିରେ ୨୦୯ ଜଣ, ପଞ୍ଚଶଖା ନୋଡାଲ ଉଚ୍ଚ ବିଦ୍ୟାଳୟ ନହବେଡାରେ ୧୩୩ଜଣ, ରାଇସୁଆଁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୨୭୨ଜଣ, ଏସ୍‌ବି ନୋଡାଲ ଉଚ୍ଚ ବିଦ୍ୟାଳୟ ପଳାଶପଙ୍ଗାରେ ୨୪୩ଜଣ, ଉଖୁଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୮୫ ଜଣ ଏବଂ ଏବିଏ ଉଚ୍ଚ ବିଦ୍ୟାଳୟ ଖୁଣ୍ଟାପଡ଼ାରେ ୧୯୫ଜଣ; ମୋଟ ୨୧୫୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ନେଇ ପରୀକ୍ଷା ପରିଚାଳନା ସୁପରିଟେଣ୍ଡେଣ୍ଟ ପ୍ରଧାନ ଶିକ୍ଷକ ମୋହନ କୁମାର ମାଝୀ ସୂଚନା ଦେଇଛନ୍ତି।

# ମନୋରମା ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ





ରାମଚନ୍ଦ୍ରପୁର, ୧୮।୨(ସମିସ)

ଘସିପୁରା ବ୍ଲକ ବାତୋ ପଞ୍ଚାୟତ କରଡ଼ାପାଳ ଗ୍ରାମର ମନୋରମା ପବ୍ଲିକ ସ୍କୁଲର ୧୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ଶିକ୍ଷାବିତ ଶରତ କୁମାର ରାଉତ, ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ୍ ଦୈତାରୀ ଚରଣ ବରାଳ, ଡ.ପ୍ରଶନ୍ନକୁମାର ପାଢ଼ୀ, ଶିକ୍ଷାବିତ ସୁରେନ୍ଦ୍ର କୁମାର ବେହେରା, ପ୍ରମୋଦକୁମାର ନାୟକ ପ୍ରମୁଖ ଯୋଗ ଦେଇଉତ୍ସବକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଅଧକ୍ଷା ମାମିନୀ ଅନୁରାଧା ଚକ୍ରଙ୍କ ସଂଯୋଜନାରେ ବିଦ୍ୟାଳୟ ପରିଚାଳନା କମିଟି ମୁଖ୍ୟ ମାନସ ରଞ୍ଜନ ବରାଳ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଗୁରୁଜୀ, ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ଉତ୍ସବରେ ସମ୍ମାନୀତ କରାଯାଇଥିଲା। ଶିକ୍ଷକ ପ୍ରଶାନ୍ତ ନାୟକ, ମନୋଜ କୁମାର ପରିଡ଼ା, ମାନସ ଶତପଥି, ଶିକ୍ଷୟତ୍ରୀ ମନ୍ଦାକିନୀ ପଲେଇ, ଇତିଶ୍ରୀ ଦାସ, ସଙ୍ଗିତା ମଲ୍ଲିକ, ମୁନ୍ନା ପାଲ, ମମତାରାଣୀ ଦାସ, ସଂଯୁକ୍ତା ମଲ୍ଲିକ, ପ୍ରଣତୀ ସେଠୀ, ସୁଜିତ ମଲ୍ଲିକ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଚୋରା ବାଲି ଟ୍ରାକ୍ଟରକୁ ୩୫ ହଜାର ଜରିମାନା

ବେତନଟୀ, ୧୮ ।୨(ସମିସ): ମାଇନିଂ ବିଭାଗର ଭଦ୍ରକ ସର୍କଲ ପକ୍ଷରୁ ରବିବାର ବେତନଟୀରେ ଚଢ଼ଉ କରାଯାଇ ଚୋରା ବାଲି ବୋଝେଇ ଟ୍ରାକ୍ଟରରୁ ଜରିମାନା ଆଦାୟ କରାଯାଇଛି । ଡେପୁଟି ଡାଇରେକ୍ଟର ସନ୍ତୋଷ କୁମାର ଦଲେଇ ଏବଂ ମୟୂରଭଞ୍ଜ ଜିଲ୍ଲା ମାଇନିଂ ଅଧିକାରୀ ଉଦୟଭାନୁ ସାହୁ ମିଳିତଭାବେ ଚଢ଼ଉକରି ବେତନଟୀ କାଳିକା ଛକରୁ ପ୍ରଶାନ୍ତ କୁମାର ଗାଣ ନାମରେ ପଞ୍ଜୀକୃତ ଟ୍ରାକ୍ଟରକୁ ଜବତକରି ବେତନଟୀ ପୁଲିସ ଜିମା ଦେଇଥିଲେ । ଏହାପରେ ନଦୀ ଶଯ୍ୟାରୁ ବେଆଇନ ବାଲି ଉତ୍ତୋଳନ ଏବଂ ଚୋରାଚାଲାଣ ବାବଦକୁ ୩୫ହଜାର ୬ଶହ ୨୦ଟଙ୍କାର ଜରିମାନା ଆଦାୟ କରିଛି ମାଇନିଂ ବିଭାଗ । ଜୋରିମାନା ଆଦାୟପରେ ବୋଝେଇ ଟ୍ରାକ୍ଟରକୁ ଛାଡ଼ି ଦିଆଯାଇଛି ।

## ଆଦର୍ଶ ଶିକ୍ଷକ ସମ୍ବର୍ଦ୍ଧିତ



ଶୁକ୍ଳି,୧୮ ।୨(ସମିସ): ଶୁକ୍ଳି ବ୍ଲକର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ.ଚନ୍ଦ୍ରଶେଖର ଦାସ ନିଖିଳ ଉତ୍କଳ ଏଲିମେଣ୍ଟାରି ଟିଜିଶିକ୍ଷକ ସଂଘ କଟକ ଦ୍ୱାରା ରାଜ୍ୟସ୍ତରୀୟ ସ୍ମୃତି ଶ୍ରଦ୍ଧା ସୁମନ ସମ୍ବର୍ଦ୍ଧନା ପର୍ବରେ 'ଚାଣକ୍ୟ' ସମ୍ମାନରେ ପୁରସ୍କୃତ ହୋଇଛନ୍ତି ।

## ୨୧ରୁ ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ପ୍ରବଚନ

କରଞ୍ଜିଆ, ୧୮ ।୨(ସମିସ): ରାଧେ ଗୋବିନ୍ଦ ଧାମ, କରଞ୍ଜିଆ ପକ୍ଷରୁ ସ୍ଥାନୀୟ ଦୋଳ ପଡ଼ିଆ ନିକଟସ୍ଥ ରାଧେ ଗୋବିନ୍ଦ ଧାମ ପରିସରରେ ଚଳିତମାସ ୨୧ ଠାରୁ ଆଧ୍ୟାତ୍ମିକ ପ୍ରବଚନ ହେବ । ସେ ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ଭାରତବର୍ଷର ବିଭିନ୍ନ ରାଜ୍ୟ ତଥା ପାଶ୍ଚାତ୍ୟ ଦେଶରେ ପ୍ରବଚନ ମାଧ୍ୟମରେ ହିନ୍ଦୁଧର୍ମର ପ୍ରଚାର ଓ ପ୍ରସାର କରିଆସୁଛଅନ୍ତି । ସ୍ୱାମୀଙ୍କ ପ୍ରବଚନ କାର୍ଯ୍ୟ ୨୧ ଓ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ଗିରିଧାରୀ ପୃଷ୍ଟି, ଗୌରୀଶଙ୍କର ପରିଡ଼ା, ପରମେଶ୍ୱର ମହାନ୍ତ, ଶତ୍ରୁଘନ ସି, ରାମଚନ୍ଦ୍ର ନାୟକ, ପଟେଲ ମାଟିଆ, ପ୍ରତିଭା ମହାନ୍ତ, କୋଲକିନି ରାଉତ, ମଞ୍ଜୁ ଦାସ ଅଧିକାରୀ, ରଞ୍ଜିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିଳ୍ପପତି ଗିରିରାଜ ଖଣ୍ଡେଲୱାଲଙ୍କ ବିୟୋଗ

ବେତନଟୀ, ୧୮ ।୨(ସମିସ): ଶିଳ୍ପପତି ଗିରିରାଜ ପ୍ରସାଦ ଖଣ୍ଡେଲୱାଲଙ୍କର ଶନିବାର ସକାଳେ ବେତନଟୀ ସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୯୩ବର୍ଷ ହୋଇଥିବାବେଳେ ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ଥିଲେ । ତାଙ୍କ ମୃତ୍ୟୁଖବର ଶୁଣି ବରିଷ୍ଠ



ଆଇନଜୀବୀ ହିମାଂଶୁ କୁମାର ପିରଡ଼ା, ସଂଗଠକ ଯାମିନୀକାନ୍ତ ନାଏକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ । ବେତନଟୀ ମାନବାଧିକାର ମିଶନ, ରୋଟାରୀ କ୍ଲବ, ବସ୍‌ଷ୍ଟାଣ୍ଡ ସାର୍ବଜନୀନ ଦୂର୍ଗାପୂଜା କମିଟି, ବ୍ୟବସାୟୀସଂଘ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ ଏବଂ ସଂଗଠନ ପକ୍ଷରୁ ମଧ୍ୟ ଶୋକବ୍ୟକ୍ତ କରାଯାଇଛି । ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ଶୈଳେନ୍ଦ୍ର କୁମାର ଖଣ୍ଡେଲୱାଲ, ସୁଧୀର ଖଣ୍ଡେଲୱାଲ, ସୁନୀଲ ଖଣ୍ଡେଲୱାଲଙ୍କ ସମେତ ଝିଅ, ଜ୍ୱାଇଁ, ନାତୀନାତୁଣୀ ଏବଂ ଆତ୍ମୀୟସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ । ଶବାଧାରରେ ଶତାଧିକ ଜନସାଧାରଣ ଏବଂ ଶୁଭେଚ୍ଛୁ ସାମିଲ ହୋଇଥିବା ବେଳେ ଶୁଖିଲାହାରସ୍ଥିତ ସ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ବଡ଼ପୁଅ ଶୈଳେନ୍ଦ୍ର ଖଣ୍ଡେଲୱାଲ ମୁଖାଗ୍ନି ଦେଇଛନ୍ତି ।

## ଶରତରେ ପ୍ରତିଷ୍ଠା ହେବ ଜେଏମ୍‌ଏଫ୍‌ସି କୋର୍ଟ



କପ୍ତିପଦା, ୧୮ ।୨(ସମିସ): ପୂରଣ ହେବ ଶରତ ଅଞ୍ଚଳବାସୀଙ୍କ ଶରତଠାରେ କୋର୍ଟ ପ୍ରତିଷ୍ଠା ହେବା ଦାବି । ଶରତରେ ଜେଏମଏଫସି କୋର୍ଟ (ବିଚାର ବିଭାଗୀୟ ପ୍ରଥମ ଶ୍ରେଣୀ ନ୍ୟାୟାଳୟ) ଖୋଲିବା ନିମନ୍ତେ ହାଇକୋର୍ଟ ମୟୂରଭଞ୍ଜ ଜିଲ୍ଲା ଦୌରାଜଜ୍‌ଙ୍କୁ ଚିଠି ସଂଖ୍ୟା-୨୫୩୮ ରେ ଜାରି କରିଥିଲେ । ଉକ୍ତ ଚିଠି ବଳରେ ଜିଲ୍ଲା ଦୌରାଜଜ୍ ତାଙ୍କ କାର୍ଯ୍ୟାଳୟ ଚିଠି ସଂଖ୍ୟା-୧୯ ୯୨ (୨) ରେ ଉଦଳା ସିନିୟର ସିଭିଲ ଜର୍ଜ ଙ୍କୁ ଶରତଠାରେ ଜେଏମଏଫ କୋର୍ଟ ପ୍ରତିଷ୍ଠା ବାବଦରେ ଏହାର ଭିତ୍ତିଭୂମି ଓ ଆବଶ୍ୟକତା ଉପରେ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଉଦଳା ସିନିୟର ସିଭିଲ ଜଜ୍ କପ୍ତିପଦା-ଉଦଳା ଉପଜିଲ୍ଲାପାଳଙ୍କୁ ତାଙ୍କ କୋର୍ଟ କାର୍ଯ୍ୟାଳୟ ଚିଠି ସଂଖ୍ୟା ୧୭୮ ରେ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଉଦଳା ଉପ-ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ତହସିଲଦାର ନନ୍ଦିତା କୁଜୁର ଆଜି ଶରତ ଆସି ଭିତିଭୂମିର ସବିଶେଷ ସର୍ଭେ କରିଛନ୍ତି । ଏଠିତରେ ଶରତ ବିକାଶ ମଞ୍ଚ ସଭାପତି ଗାମାୟ ରୀମିଲ ଗୋଇପାଇ, ସାଧାରଣ ସମ୍ପାଦକ କୁସୁନୁ ଗିଲୁଆ, ମଙ୍ଗଲ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ହୋଟେଲ ଓ ଫାଷ୍ଟଫୁଡ୍ ଦୋକାନରେ ଭେଜାଲ ସସ୍

ବାରିପଦା, ୧୮ ।୨(ସମିସ)

ମୟୂରଭଞ୍ଜ ଜିଲ୍ଲା ମୁଖ୍ୟାଳୟ ବାରିପଦା ସହର ସମେତ ରାଇରଙ୍ଗପୁର, କରଞ୍ଜିଆ, ଉଦଳା ଓ ବେତନଟୀ ଆଦି ସହର ଏବଂ ଜିଲ୍ଲାର ପ୍ରମୁଖ ବଜାର ତଥା ମେଳାମାନଙ୍କରେ ଛତୁ ଫୁଟିଲା ପରି ଫାଷ୍ଟଫୁଡ ଦୋକାନ ଓ ହୋଟେଲ ଖୋଲିବାରେ ଲାଗିଛି । ଦିନକୁ ଦିନ ଫାଷ୍ଟଫୁଡ୍ ଚାହିଦା ଯୁବପିଢି ମାନଙ୍କ ମଧ୍ୟରେ ବଢ଼ିବାରେ ଲାଗିଛି । ତେବେ ଏହାର ସୁଯୋଗ ନେଇ ଲାଭଖୋର ହୋଟେଲ ମାଲିକ ଓ ଫାଷ୍ଟଫୁଡ ଦୋକାନୀମାନେ ଗ୍ରାହକଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛନ୍ତି । ଫାଷ୍ଟଫୁଡ ଖାଦ୍ୟଦ୍ରବ୍ୟ ପ୍ରସ୍ତୁତିରେ ଅଧିକ ଲାଭ ଆଶାରେ ଅତି ନିମ୍ନମାନର ସସ୍ ବ୍ୟବହାର କରୁଛନ୍ତି । କମ୍ ମୂଲ୍ୟରେ ବଜାରରେ ଉପଲବ୍ଧ ଉକ୍ତ ସସ୍ ବ୍ୟବହାର ଦ୍ୱାରା କମ ବ୍ୟୟରେ ଅଧିକ ମୁନାଫା ପାଇବା ପାଇଁ ଗ୍ରାହକଙ୍କୁ ଠକି ବାରେ ଲାଗିଛନ୍ତି ।

ଯାହାକି ଗ୍ରାହକମାନଙ୍କୁ ରୋଗଗ୍ରସ୍ତ କରିବାରେ କାରଣ ମଧ୍ୟ ସାଜୁଛି । ତେବେ ଏଥିପ୍ରତି ଖାଦ୍ୟ ସୁରକ୍ଷା ବିଭାଗର ମଧ୍ୟ ତିଳେ ହେଲେ ନଜର ପଡୁନାହିଁ । ସହରରେ ସନ୍ଧ୍ୟା ହେଉ ହେଉ ରାସ୍ତା କଡ଼ରେ ଭଳି କି ଭଳି ଫାଷ୍ଟଫୁଡ୍ ଦୋକାନ ଗୁଡ଼ିକ ପସରା ମେଲି ଯାଉଛି । ଦୋକାନ ଖୋଲିବା କ୍ଷଣି ହିଁ ଯୁବପିଢିଙ୍କ ଆଗ ଭିଡ଼ ଜମୁଛି । କିନ୍ତୁ ଦୋକାନୀ ମାନେ ବ୍ୟବହାର କରୁଥିବା ନିମ୍ନମାନର ସସ୍ ପ୍ରତି କାହାର ନଜର ପଡୁନାହିଁ । ସଚେତନତା ଅଭାବରୁ ଗ୍ରାହକମାନେ ନିମ୍ନମାନର ଖାଦ୍ୟ ଖାଇ ଧୀରେ ଧୀରେ ରୋଗ କିଣୁଛନ୍ତି । ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ଅଭାବରୁ ଦୋକାନୀମାନେ ମଉକା ପାଇ ସାଧାରଣଲୋକଙ୍କ ଜୀବନ ସହ ଖେଳିବାକୁ ପଛାଉ ନାହାନ୍ତି । ଏବେ ଖାଦ୍ୟପେୟର ଧାରା ବଦଳିବା ସହିତ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଫାଷ୍ଟଫୁଡ୍ ପ୍ରିୟ ହୋଇଛି । ବାରିପଦା ସହରର ରାସ୍ତାକଡ଼ରେ ମାଳମାଳ ପକୋଡ଼ା, ଚାଉମିନ୍, ରୋଲ୍ ଓ ମୋମୋ ଦୋକାନ ଆଦି ଖୋଲି ବିକ୍ରି କରୁଛନ୍ତି । ଆଉ ଏହି ଫାଷ୍ଟଫୁଡ୍ ଖାଦ୍ୟକୁ ଅଧିକ ସୁଆଦିଆ କରୁଥିବା ସସ୍ ଗୁଡିକ ଭେଜାଲ ରହୁଛି । ଟମାଟୋ ସସ୍, ଚିଲି ସସ୍ ଓ ସୋୟା ସସ୍ ଆଦି ଗ୍ରାହକମାନେ ଅଧିକ ସ୍ୱାଦ ପାଇଁ ଖାଉଛନ୍ତି । କିନ୍ତୁ ଗ୍ରାହକ ଦେଖୁ ନାହାଁନ୍ତି ଯେ ସେମାନେ କେଉଁ ମାନର ସସ୍‌କୁ ଖାଉଛନ୍ତି । ଉକ୍ତ ନିମ୍ନମାନର ସସ୍ ପ୍ରସ୍ତୁତି ବେଳେ ଅଧିକ ପରିମାଣର କଖାରୁ, ପାଣି କଖାରୁ ଓ ଅମୃତଭଣ୍ଡା ଭଳି ପରିବା ବ୍ୟବହାର ହୋଇଥାଏ । ତେବେ ସ୍ୱାଦ ପାଇଁ ସେଥିରେ ବିଭିନ୍ନ ପ୍ରକାରର ରାସାୟନିକ ଦ୍ରବ୍ୟ ଓ ଭିନେଗାର୍ ଆଦି ଜିନିଷ ମିଶାଇ ଦିଆଯାଏ । ଏହି ସବୁ ରାସାୟନିକ ଦ୍ରବ୍ୟର ହୋଇଥିଲେ ବି ସେସବୁର ତ୍ୱରିତ୍ ପ୍ରତିକ୍ରିୟା ନଥାଏ । କିନ୍ତୁ ନିୟମିତ ପ୍ରକ୍ରିୟାରେ ଉକ୍ତ ନିମ୍ନମାନର ସସ୍ ବ୍ୟବହାର ଦ୍ୱାରା ଶରୀରରେ ପାର୍ଶ୍ୱ ପ୍ରତିକ୍ରିୟା ଧୀରେ ଧୀରେ ଦେଖାଯାଇଥାଏ । ଗ୍ରାହକ ମାନେ ଏସିଡ, ପାକସ୍ଥଳୀରେ ବ୍ୟଥା ଆଦି ବିଭିନ୍ନ ପ୍ରକାର ପେଟରୋଗର ଶିକାର ହୋଇଥାନ୍ତି । ସଚେତନତା ଅଭାବରୁ ଗ୍ରାହକ ମାନେ ରୋଗକୁ କିଣୁଛନ୍ତି । ଭଲ ସସ୍‌ର ଦରଦାମ ପ୍ରାୟ ବୋତଲ ପିଛା ୧୫୦ ଟଙ୍କା ହେଉଥିବା ବେଳେ ଉକ୍ତ ନିମ୍ନ ମାନର ସସ୍ ୨୦ରୁ ୩୦ଟଙ୍କାରେ ମିଳିଯାଉଛି । ପଚାସଢ଼ା କଖାରୁ ଓ କଞ୍ଚାଳଙ୍କାରୁ ଏସବୁ ତିଆରି ହେଉଥିବାରୁ କମ୍ ଦାମ୍‌ରେ ଏହା ବଜାରରେ ଉପଲବ୍ଧ ହେଉଛି । ଯାହାକି ମୁନଫାଖୋର



କମ୍ ଦାମରେ ବଜାର ବିକ୍ରି ହେଉଛି ନିମ୍ନମାନର ଜିନିଷ

ଯାଞ୍ଚ ପରିବର୍ତ୍ତେ ନିଦାବିଷ୍ଟ ଖାଦ୍ୟ ସୁରକ୍ଷା ବିଭାଗ

ଫାଷ୍ଟଫୁଡ଼ ଦୋକାନୀ ଓ ହୋଟେଲ ମାଲିକଙ୍କ ପ୍ରଥମ ପସନ୍ଦ ଅଟେ । ଏହି ସବୁ ସସ୍ ବେଶ୍ ଅସ୍ୱାସ୍ଥ୍ୟକର ପରିବେଶରେ ତିଆରି ହୋଇଥାଏ । ଏଥି ସହିତ ନିମ୍ନମାନର ସସ୍ ତିଆରି କରି ଅସାଧୁ ବେପାରୀମାନେ ନାମୀଦାମୀ କମ୍ପାନୀର ଲୋଗୋ ଲଗାଇ ବଜାରକୁ ଛାଡ଼ିଥାନ୍ତି । ଫଳରେ ବହୁ ସମୟରେ ଗ୍ରାହକମାନେ ବି ଠକାମିର ଶିକାର ହୋଇଥାନ୍ତି । ତେବେ ଖାଦ୍ୟ ନିରାପତ୍ତା ବିଭାଗ କେବଳ ଫୁଡ୍ ଲାଇସେନ୍ସ ପ୍ରଦାନ କରି ନିଦାବିଷ୍ଟ ସାଜି ବସି ରହିଛନ୍ତି । ନିୟମିତ ଭାବେ ଯାଞ୍ଚ ପ୍ରକ୍ରିୟା ହେଲେ ନିମ୍ନମାନର ସସ୍ କାରବାରରେ ରୋକ ଲାଗିପାରନ୍ତା । ଅନ୍ୟପଟେ ଫାଷ୍ଟଫୁଡ଼ ଦୋକାନୀରେ ଭଲ ସସ୍ ଦେଲେ ଦର ବଢ଼ାଇବାକୁ ପଡ଼ିବ । ବର୍ତ୍ତମାନର ବଜାରରେ କମ ଦରରେ ଖାଦ୍ୟ ଯୋଗାଇବାକୁ ହେଲେ ଭଲ ସସ୍ ଦେବା ସମ୍ଭବପର ନୁହେଁ । ଆଉ ଭଲ ସସ୍ ଦେଇ ଖାଦ୍ୟ ଦର ବଢ଼ାଇଲେ ବେପାର ମାନ୍ଦା ପଡ଼ିଯିବ । ତେଣୁ କରି ଗ୍ରାହକଙ୍କ ଜୀବନ ସହିତ ଫାଷ୍ଟଫୁଡ଼ ଦୋକାନୀ ଓ ହୋଟେଲ ମାଲିକ ମାନେ ଖେଳ ଖେଳୁଛନ୍ତି । ତେବେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ନିୟମିତ ଭାବେ ଯାଞ୍ଚ ପ୍ରକ୍ରିୟା କରି ଲାଭଖୋର ଦୋକାନୀ ମାନଙ୍କ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ମାନେ ମତପ୍ରକାଶ କରିଛନ୍ତି ।

ଏନେଇ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଘାଷିରାମ ମୁର୍ମୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହନ୍ତି, ବୃହତ୍ତ ଜିଲ୍ଲା ପାଇଁ ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆରେ ଜଣେ ଲେଖାଏଁ ଖାଦ୍ୟ ନିରାପତ୍ତା ଅଧିକାରୀ ପଦ ରହିଛି । ସେମାନଙ୍କ ମଧ୍ୟରୁ କରଞ୍ଜିଆ ଅଧିକାରୀ ଚାକିରି ଛାଡିଛନ୍ତି । ଏଣୁ ୨ଜଣଙ୍କୁ ନେଇ ଯାଞ୍ଚ ହେଉଛି । ଜିଲ୍ଲାରେ ପରୀକ୍ଷାଗାର ନ ଥିବାରୁ ଅପମିଶ୍ରିତ ଖାଦ୍ୟ ପରୀକ୍ଷା ପାଇଁ ଭୁବନେଶ୍ୱର ପରୀକ୍ଷାଗାରକୁ ପଠାଯାଉଛି । ରିପୋର୍ଟରେ ସତ୍ୟତା ଜଣାପଡ଼ିଲେ ଅସାଧୁ ଦୋକାନୀଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

## ସଡ଼କ ସୁରକ୍ଷା ଓ ମୋଟରଯାନ ଆଇନ ସମ୍ପର୍କିତ ସଚେତନତା



ବେତନଟୀ, ୧୮ ।୨(ସମିସ)

ଜେଏମ୍‌ଏଫ୍‌ସି କୋର୍ଟପରିସରସ୍ଥ ବେତନଟୀ ବାର୍ ଆସୋସିଏସନ କାର୍ଯ୍ୟାଳୟରେ ତାଲୁକ ଆଇନସେବା ସମିତି ଆନୁକୂଲ୍ୟରେ ସଡ଼କ ସୁରକ୍ଷା ଏବଂ ମୋଟରଯାନ ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଶନିବାର ଆୟୋଜିତ ହୋଇଛି । ବେତନଟୀ ବାର ଆସୋସିଏସ୍‌ନର ସମ୍ପାଦକ ପ୍ରବୀର କୁମାର ବାରିକଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେୱାନୀ ବିଚାରପତି ଏବଂ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏ. ଅବିନାଶ ନାଇଡୁ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାର ଆସୋସିଏସ୍‌ନର ସଭାପତି ଦେବବ୍ରତ ପରିଡ଼ା, ପ୍ରାକ୍ତନ ସମ୍ପାଦକ ସଞ୍ଜୟ ରାଉତ ପ୍ରମୁଖ ଯୋଗଦେଇ ଥିଲେ ।

ସେହିଭଳି ମୋଟରଯାନ ଆଇନରେ ଦୁର୍ଘଟଣାରେ ପୀଡିତଙ୍କୁ କିମ୍ବା କ୍ଷତିଗ୍ରସ୍ତଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ନେଇ କେଉଁସବୁ ପ୍ରାବଧାନ ରହିଛି ସେନେଇ ମଧ୍ୟ ଆଲୋଚନା କରାଯାଇଥିଲା । ବ୍ୟାପକ ଜନସଚେତନତା ସୃଷ୍ଟିକୁ ଦୃଷ୍ଟିରେ ରଖି ବେତନଟୀ ଅଞ୍ଚଳର ପଦ୍ମମାଳି ମହିଳା ସଂଗଠନ ସମେତ ବରିଷ୍ଠ ନାଗରିକ ସଂଘ ଭଳି ସମାଜିକ ଅନୁଷ୍ଠାନ ଗୁଡ଼ିକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା ।

## ଏକଲବ୍ୟ ମଡେଲ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ

ରାଇରଙ୍ଗପୁର, ୧୮ ।୨(ସମିସ)

ବାମନଘାଟୀ ଉପଖଣ୍ଡ ବହଳଦା ବ୍ଲକ କାଦୁଆଣି ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ସଭାପତି ଅବସରପ୍ରାପ୍ତ ସିଆଇ ଚନ୍ଦ୍ରଭାନୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଡାକ୍ତର ଦେବେନ୍ଦ୍ରନାଥ ଟୁଡୁ, ମୁଖ୍ୟବକ୍ତା ରାଇରଙ୍ଗପୁର ବିଇଓ ଭାଗ୍ୟରଥୀ ମହାନ୍ତି, କନଭେନର ଅଧ୍ୟକ୍ଷ ବଳରାମ ବାରିକ, ସ୍ୱତନ୍ତ୍ର ଅତିଥି କମଳାକାନ୍ତ ସ୍ୱାଇଁ, ସମ୍ମାନିତ ଅତିଥି ରାଇରଙ୍ଗପୁର ଜ୍ଞାନେନ୍ଦ୍ର ସାମଲ, ଏସ୍ ଏମ ସି ସଭାପତି ଦୁଖୁରାମ ସରଦାର, ପ୍ରଦ୍ୟୁମ୍ନ ଦାଶ ଓ ମାନସ ରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହାପରେ ସଭାପତି ତାଙ୍କର ବକ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ବିଫଳତା ହିଁ ସଫଳତାର ଚାବିକାଠି ତେଣୁ ସଂଘର୍ଷ କୁ ବଜାଇ ରଖିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । ଉକ୍ତ ସଭାକୁ ଶିକ୍ଷୟିତ୍ରୀ ସତରୂପା ସାଉ ପରିଚାଳନା କରିଥିଲାବେଳେ ଅଧ୍ୟକ୍ଷ ବଳରାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଗଣ ସହଯୋଗ କରିଥିଲେ । ବାର୍ଷିକ ଉତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅବିଭାବକ ଓ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବୃନ୍ଦ ଯୋଗ ଦେଇଥିଲେ ।




## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବଡ଼ସାହି, ୧୮ ।୨(ସମିସ): ଏହି ବ୍ଲକ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯଦୁନାଥପୁରର ବାର୍ଷିକ ଉତ୍ସବ ପାଳିତ ହୋଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଟୁନି ସିଂ, ମୁଖ୍ୟ ବକ୍ତାଭାବେ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଜାଶଙ୍କର ମହାପାତ୍ର, ସମ୍ମାନିତ ଅତିଥିଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶାଙ୍ଗ କିସ୍କୁ, ପଞ୍ଚାୟତ ସମିତି ସଦସ୍ୟା ଲକ୍ଷ୍ମୀ ଗିରି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମହେନ୍ଦ୍ର ଖିଲାର ଓ ସଭ୍ୟ/ ସଭ୍ୟା ସମେତ ଗ୍ରାମବାସୀ ରବି ନାରାୟଣ ସାହୁ, ସୁରେନ୍ଦ୍ର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ କୁଳମଣି ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ବିଦ୍ୟାଳୟ ଶିକ୍ଷକ ସରୋଜ କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶିକ୍ଷକ ଭବତୋଷ ପାତ୍ର ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷକ ସୁକୁରାମ ସିଂ ଧନ୍ୟବାଦ ଦେଇଥିଲେ । ଶିକ୍ଷୟିତ୍ରୀ ସଙ୍ଗୀତା ପ୍ରଜ୍ଞା ନାଏକ, କୁନିମଣି ମହାନ୍ତ ଓ ମନ୍ଦାକିନୀ ମହାନ୍ତ ସହଯୋଗ କରିଥିଲେ ।

## ୫ ଟ୍ରାକ୍ଟର ଜବତ, ୩ ଚାଳକ ଗିରଫ

ବେତନଟୀ, ୧୮ ।୨(ସମିସ)

ରବିବାର ସକାଳେ ବେତନଟୀ ପୁଲିସ ପକ୍ଷରୁ ଭାଗତଚନ୍ଦ୍ରପୁର ଏବଂ ହାତୀକୋଟ ପଞ୍ଚାୟତ ଇଲାକାରେ ଚଢ଼ଉ କରି ଏକକାଳୀନ ୫ଟି ଚୋରା ବାଲିବୋଝେଇ ଟ୍ରାକ୍ଟର ଜବତ କରିବା ସହିତ ୩ଜଣ ଚାଳକଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି ବେତନଟୀ ପୁଲିସ । ସୂଚନା ମୁତାବକ ଓରାଚନ୍ଦାବିଲା, ବାଲିପାଳ, କଞ୍ଚନପାଳ, ଜାମଦାପାଳ ଦେଇ ଯାଇଥିବା ବୁଢାବଳଙ୍ଗ ନଦୀ ଶଯ୍ୟାରୁ ବେଆଇନ ବାଲି ଉତ୍ତୋଳନ କରି ଚୋରାଚାଲାଣ କରାଯାଉଥିବା ଖବର ପାଇ ବେତନଟୀ ଆଇଆଇସି ସସ୍ମିତା ମହାନ୍ତ ରବିବାର ସକାଳେ ସଦଳବଳେ ଚଢଉ କରିଥିଲେ । ଚଢଉ ସମୟରେ ଏକକାଳୀନ ୫ଟି ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହିତ ୩ଜଣ ଚାଳକଙ୍କୁ ଗିରଫ କରିଛନ୍ତି । ସୁଯୋଗ ଦେଖି ଦୁଇଟି ଟ୍ରାକ୍ଟରର ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିବାରେ ସଫଳ ହୋଇଛନ୍ତି । ତେବେ ତିନିଟି ଗାଡିର ଚାଳକ ଧରାପଡ଼ିଥିବା ବେଳେ ଦୁଇଜଣ ଗାଡିଛାଡି ଚମ୍ପଟ ମାରିବାରେ ସକ୍ଷମ ହୋଇଛନ୍ତି । ଏନେଇ ପାଞ୍ଚଗୋଟି ପୃଥକ ମାମଲା ରୁଜୁକରି ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ ସୋମବାର ଗିରଫ ଟ୍ରାକ୍ଟର ଚାଳକମାନେ କୋର୍ଟଚାଲାଣ ହେବାନେଇ ଆଇଆଇସି ସସ୍ମିତା ମହାନ୍ତ ସୂଚନା ଦେଇଛନ୍ତି ।

# କୃଷି ଯନ୍ତ୍ରପାତି ସେବାକେନ୍ଦ୍ର ଓ ବିହନ କେନ୍ଦ୍ର ଉଦ୍‌ଘାଟିତ

ଶୁଳିଆପଦା, ୧୮ ।୨(ସମିସ)

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓଡ଼ିଶା, ମିଲେଟ୍ ମିଶନ ସହାୟତାରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନେଇ ଶୁଳିଆପଦା ବ୍ଲକ ଅଁଳାକୁଡା ପଞ୍ଚାୟତ ଅଧୀନ ଅଁଳାକୁଡ଼ା ଗ୍ରାମରେ କୃଷି ଯନ୍ତ୍ରପାତି ସେବା କେନ୍ଦ୍ର ଓ ନୂଆଗାଁ ପଞ୍ଚାୟତ ଅଧୀନ ନୂଆଗାଁ ଗ୍ରାମରେ ବିହନ କେନ୍ଦ୍ର ଉଦ୍‌ଘାଟନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ କୃଷି ଅଧିକାରିଣୀ ଜୁନମୟୀ ମହାନ୍ତି ଓ ସହ କୃଷି ଅଧିକାରିଣୀ ଅଙ୍କିତା ହାଁସଦା ଯୋଗ ଦେଇଥିଲେ । ସୂଚନା ଥାଉକି ମାଣ୍ଡିଆ ଚାଷ ପାଇଁ ଉଦ୍ଦିଷ୍ଟ ଏହି ଯନ୍ତ୍ରପାତି ସେବା କେନ୍ଦ୍ରର ଦାୟିତ୍ୱ ଅଁଳାକୁଡ଼ା ସ୍ଥିତ ପାର୍ବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପରେ ନ୍ୟସ୍ତ କରାଯାଇଛି । ଏହି କେନ୍ଦ୍ରରୁ ମାଣ୍ଡିଆ ଚାଷୀମାନେ ସାଇକେଲ ଉଇଡର ୧୦ ଟଙ୍କା, ସ୍ପ୍ରେୟର ମେସିନ ୩୦ ଟଙ୍କା, ପାଣିପମ୍ପ ୧ ଶହ ଟଙ୍କା, ତାରପଲିନ୍ ୧୦ ଟଙ୍କା ପ୍ରତିଦିନ ହିସାବରେ, ପଲଭିଲାଇଜର କିଲୋପ୍ରତି ୬ ଟଙ୍କା, ଥ୍ରେସର ମେସିନ କୁଣ୍ଟାଲ ପ୍ରତି ୧ ଶହ ଟଙ୍କା ପୈଠକରି ଚାଷକାର୍ଯ୍ୟରେ ବ୍ୟବହାର କରିପାରିବେ । ସେହିପରି ବିହନ କେନ୍ଦ୍ରକୁ ନୂଆଗାଁ ଗ୍ରାମର ମା ଗଜଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ମାନଙ୍କ ହାତରେ ନ୍ୟସ୍ତ କରାଯାଇଛି । ଏହି ବିହନକେନ୍ଦ୍ର ମାଧ୍ୟମରେ ଅମଳକ୍ଷମ ମାଣ୍ଡିଆକୁ ସଂଗୃହିତ କରିବା ଏବଂ ପରବର୍ତ୍ତୀ ଚାଷ ସମୟରେ ଏହି ବିହନକୁ ଚାଷୀମାନଙ୍କୁ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି କେନ୍ଦ୍ର ଖୋଲାଯାଇଛି । ଉଦ୍‌ଘାଟନ ସମୟରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ଗ୍ରାମବାସୀ ଓ ଚାଷୀ ଭାଇ ଭଉଣୀ ମାନେ ଉପସ୍ଥିତ ଥିଲେ ।




## ପୁରିନ୍ଦା କେବି ହାଇସ୍କୁଲର ବାର୍ଷିକ ଉତ୍ସବ

ବେତନଟୀ, ୧୮ ।୨(ସମିସ)



ବେତନଟୀ ବ୍ଲକ ଅଧୀନ ପୁରିନ୍ଦାସ୍ଥିତ କଖାରୁଆ ବୈଦ୍ୟନାଥ ହାଇସ୍କୁଲର ବାର୍ହିକୋତ୍ସବ ଆୟୋଜିତ ହୋଇଯାଇଛି । ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକୋତ୍ସବରେ ପୁରାତନ ଛାତ୍ରସଂସଦ୍ର ସମ୍ପାଦକ ନାଜରଚନ୍ଦ୍ର ମହାନ୍ତ ମୁଖ୍ୟଅତିଥି ଭାବରେ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ତ୍ରିଲୋଚନ ମହାନ୍ତ, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ମନୋରଞ୍ଜନ ଦାସ ପ୍ରମୁଖ ଅତିଥିଗଣ ଯୋଗଦେଇ ଥିଲେ । ସହକାରୀ ଶିକ୍ଷକ ଯଶୋବନ୍ତ ମହାନ୍ତଙ୍କ ସଂଯୋଜନା ଏବଂ ମଞ୍ଚ ପରିଚାଳନାରେ ଆୟୋଜିତ ସଭାକାର୍ଯ୍ୟରେ ମଞ୍ଚାସୀନ ଅତିଥିମାନେ ନିଜର ବକ୍ତବ୍ୟ ମାଧ୍ୟମରେ ବହୁ ସାରଗର୍ଭକ ତଥା ଗଠନମୂଳକ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ତଥା ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ଏବଂ ସାର୍ଟିଫିକେଟ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା । ପରିଚାଳନାରେ ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାନ୍ତ, ଭବାନୀ ତ୍ରିପାଠୀ, ସୁମନ୍ତ ଦାସ, ପ୍ରମିଳା ବେହେରା, ସ୍ୱାଗତିକା ସାହୁ, ପୁଷ୍ପାଞ୍ଜଳି ମହାନ୍ତ, କୁସୁମାଞ୍ଜଳି ମହାନ୍ତ, ରାଜୀବ ମହାନ୍ତ, ପଦ୍ମକିଶୋର ବାରିକ, ମମତା ମଞ୍ଜରୀ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

